


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 NOVEMBER 2020
Vol.No. 30 ■ No. 298 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନୟାଗଡ ପରୀ ହତ୍ୟା ମାମଲା

# ବିଧାନସଭା ସମ୍ମୁଖରେ ଦମ୍ପତିଙ୍କ ଆତ୍ମାହୁତି ଉଦ୍ୟମ

### ଆଜି ବିଧାନସଭାରେ ବିବୃତି ରଖିବେ ଗୃହ ରାଷ୍ଟ୍ରମନ୍ତ୍ରୀ



ଭୁବନେଶ୍ୱର,୨୪।୧୧ (ନି.ପ୍ର): ବିଧାନସଭା ସମ୍ମୁଖରେ ଡିଜେଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଦମ୍ପତି। ଆତ୍ମାହୁତି ଉଦ୍ୟମ ବେଳେ ପୋଲିସ୍ ସେମାନଙ୍କୁ କାବୁ କରିଥିଲା। ନିଜର ୫ ବର୍ଷର ଝିଅ ପରୀ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ନୟାଗଡ ଜିଲ୍ଲା ଯଦୁପୁର ଗାଁର ଅଶୋକ ସାହୁ ଏବଂ ତାଙ୍କ ସ୍ତ୍ରୀ ସୌଦାମିନୀ ମଙ୍ଗଳବାର ଦିନ ଆତ୍ମହୁତି ଉଦ୍ୟମ କରିଥିଲେ। ଏହି ଘଟଣା ପରେ 'ପରୀ' ମୃତ୍ୟୁ ପ୍ରସଙ୍ଗରେ ବିଧାନସଭାରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟମାନେ ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ହୋ-ହଲ୍ଲା ଭିତରେ ଆସନ୍ତାକାଲି ଗୃହ ରାଷ୍ଟ୍ରମନ୍ତ୍ରୀ ବିବୃତି ଦେବାକୁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ରୁଲିଂ ଦେଇଥିଲେ। ବିରୋଧୀ ଦଳମାନେ ପଚାରିଥିବା ୪ଟି ପ୍ରସଙ୍ଗରେ ବିବୃତି ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି। ଘଟଣା କେମିତି ଘଟିଲା ,୩ ମାସ ତଳେ ଏଫଆଇଆର ଦେଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କଣ ନିଆଯାଇଛି , ସୁରକ୍ଷା ସତ୍ୱେ ପରୀର ବାପା ମା କେମିତି ଆସିଲେ ଏବଂ ସେମାନେ ନୟାଗଡ ଜିଲ୍ଲାର ଜଣେ ମନ୍ତ୍ରୀଙ୍କ ନାମ ନେଇଛନ୍ତି। ଏହି ୪ ଟି ବିନ୍ଦୁ ଉପରେ ଗୃହରାଷ୍ଟ୍ରମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେଇଥିଲେ। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଜଣେ ମନ୍ତ୍ରୀଙ୍କ ଲୋକ ମାରିଥିବା ପରିବାର ଲୋକ କହୁଛନ୍ତି। ହତ୍ୟା ପଛରେ ମନ୍ତ୍ରୀଙ୍କ ହାତ ରହିଛି। ମନ୍ତ୍ରୀଙ୍କ କ'ଣ ସଂପୃକ୍ତି ରହିଛି ? ତାହା ଉପରେ ଗୃହରାଷ୍ଟ୍ର ମନ୍ତ୍ରୀ ଉତର ରଖନ୍ତୁ। ଏହାଛଡ଼ା ଘଟଣା ସଂପର୍କରେ ଗୃହରେ ମୁଖ୍ୟମନ୍ତ୍ରୀ ମଧ ଉତର ରଖନ୍ତୁ। ବିଜେପି ସଦସ୍ୟ ଜୟନାରାୟଣ ମିଶ୍ର , ବିଷ୍ଣୁ ସେଠୀ ଏବଂ ମୋହନ ଚରଣ ମାଝୀ ମଧ୍ୟ ସମାନ ପ୍ରସଙ୍ଗ ଉଠାଇଥିଲେ। ସେହିପରି 'ପରୀ' ମୃତ୍ୟୁ ପ୍ରସଙ୍ଗରେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛି କଂଗ୍ରେସ। ଦଳର ବରିଷ୍ଠ ନେତା ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ତାରା ବାହିନୀପତି କହିଥିଲେ ଯେ ନୟାଗଡ଼ ପରୀ


▶▶ପୃଷ୍ଠା ୭

# କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସା ଓ ବୁଡ ପକାଇବା ମନା



ଭୁବନେଶ୍ୱର,୨୪।୧୧ (ନି.ପ୍ର): କୋଭିଡ-୧୯ ମହାମାରୀ ସଂକ୍ରମଣ ଆଶଙ୍କାରେ କାର୍ତିକ ପୂର୍ଣ୍ଣିମାରେ ନଦୀ ଅବା ଜଳାଶୟରେ ଡଙ୍ଗା ଭସା ସହ ବୁଡ଼ ପକାଇବା ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ଏହାସହିତ କଟକ, ପାରାଦୀପ ଓ ଭୁବନେଶ୍ୱର ଆଦି ସ୍ଥାନରେ ହେଉଥିବା ବାଲିଯାତ୍ରା ଉପରେ ମଧ କଟକଣା ଜାରି ହୋଇଛି। ଏନେଇ ମଙ୍ଗଳବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶାନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁସାରେ , ଚଳିତ ନଭେମ୍ବର ୩୦ତାରିଖରେ କାର୍ତିକ ପୂର୍ଣ୍ଣିମା ଅବସରରେ ଲୋକମାନେ ନଦୀଘାଟ ଓ ଜଳାଶୟ ନିକଟରେ ରୁଣ୍ଡ ହୋଇ ଡଙ୍ଗା ଭସାଇବା ସହ ଗାଧେଇଥାନ୍ତି। ଏହାସହିତ ଉକ୍ତଦିନ କେତେକ ସ୍ଥାନରେ ବାଲିଯାତ୍ରା ମଧ ଆୟୋଜନ ହୋଇଥାଏ। ତେବେ କୋଭିଡ-୧୯ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ଲୋକଙ୍କ ସ୍ୱାର୍ଥରେ ରାଜ୍ୟ ସରକାର ଏସବୁ ଉପରେ କଟକଣା ଜାରି କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ଧାରା ୨୪(୧) ଓ ଓଡ଼ିଶା ବିପର୍ଯ୍ୟର ପରିଚାଳନା ରୁଲ-୨୦୧୦ର ଧାରା ୮(୧) ଅନ୍ତର୍ଗତ ରାଜ୍ୟ ସରକାର କାର୍ତିକ ପୂର୍ଣ୍ଣିମା ଓ ବଡ଼ଓଷାରେ ଲୋକମାନେ ଯେଭଳି ରୁଣ୍ଡ ନହେବେ ତା' ଉପରେ କଟକଣା ଜାରି କରିଛନ୍ତି। ଯଦି କେହି ଏହି ନିର୍ଦ୍ଦେଶନାମାକୁ ଉଲ୍ଲଘଂନ କରନ୍ତି ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଓ ଅନ୍ୟାନ୍ୟ ଆଇନ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଦଣ୍ଡିତ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଭୁବନେଶ୍ୱରରେ ଆରଏସଏସ୍ ମୁଖ୍ୟ ଡ.ମୋହନ ଭାଗବତ



ଭୁବନେଶ୍ୱର,୨୪।୧୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ ମୋହନ ଭାଗବତ ଆଜି ତିନି ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି । ମଙ୍ଗଳବାର ସଂଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଠାରେ ପହଂଚିବା ଅବସରରେ ସଂଘର ପ୍ରାନ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ତାଙ୍କ ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରା ଯାଇଥିଲା ।

କରୋନା ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ କ୍ଷେତ୍ର ସ୍ତରରେ ଅନୁଷ୍ଠିତ ହେଉଥିବା ବେଳେ ପୂର୍ବକ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଏହି ବୈଠକ ନଭେମ୍ବର ୨୫ ଓ ୨୬ ଦୁଇଦିନ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଡ ଭାଗବତ ଏହି ବୈଠକରେ ଯୋଗ ଦେବେ ।

▶▶ପୃଷ୍ଠା ୭

# ୨୪ଘଂଟା ପରେ ଅତିତୀବ୍ର ରୂପ ନେଇପାରେ ବାତ୍ୟା ନିଭାର



ଭୁବନେଶ୍ୱର,୨୪।୧୧ (ନି.ପ୍ର): ଦକ୍ଷିଣ ପୂର୍ବ ବଙ୍ଗୋପସଗରରେ ସମ୍ଭାବ୍ୟ ବାତ୍ୟା 'ନିଭାର' ଘନୀଭୂତ ହେଉଛି । ୧୨ଘଂଟା ପରେ ଏହା ତୀବ୍ର ଏବଂ ୨୪ଘଂଟା ପରେ ଅତିତୀବ୍ର ବାତ୍ୟାର ରୂପ ନେଇପାରେ। ଆସନ୍ତା କାଲି ସନ୍ଧ୍ୟା ସମୟରେ ନିଭାର ଗୋଟିଏ ଅତି ତୀବ୍ରବାତ୍ୟା ଭାବେ ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳକୁ କରାଇକେଲ ଏବଂ ମାମଲାଲାପୁରମ ମଧ ଦେଇ ପୁଡୁଚେରୀ ପାଖାପାଖି ଅଂଚଳକୁ ଅତିକ୍ରମ କରିବ । ସକ୍ରିୟ ବାତ୍ୟା 'ନିଭାର' ଉପକୂଳ ଅତିକ୍ରମ ସମୟରେ ପବନର ବେଗ ଘଂଟା ପ୍ରତି ୧୨୦ ରୁ ୧୩୦କିମି ଏବଂ ଝଟକା ପବନ ୧୪୫କିମି ଯାଇଁ ରହିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ବାତ୍ୟା ନିଭାରର ପ୍ରଭାବ ଓଡିଶା ଉପରେ ସିଧାସଳଖ ନପଡୁଥିଲେହେଁ ବୁଧବାର ଓ ଗୁରୁବାର ଓଡିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

# ୧୨କୋଟି ସୁନା ଲୁଟ୍ ମାମଲାର ପର୍ଦାଫାଶ

## ମାଷ୍ଟର ମାଇଣ୍ଡ କର୍ମଚାରୀ ସମେତ ୬ ଅଭିଯୁକ୍ତ ଅଟକ



କଟକ,୨୪।୧୧ (ନି.ପ୍ର): ନୟାସଡ଼କ ଲୁଟ୍ ମାମଲାର ପର୍ଦାଫାଶ କରିଛି କମିଶନରେଟ ପୋଲିସ । ସଂସ୍ଥାର କର୍ମଚାରୀ ଲାଲା ଅମ୍ବେଦରାୟ ହେଉଛି ଲୁଟ୍ ପଛର ମାଷ୍ଟର ମାଇଣ୍ଡ ବୋଲି ପୋଲିସ କମିଶନର କହିଛନ୍ତି। ସେ ତାଙ୍କର ଜଣେ ସାଙ୍ଗ ଜରିଆରେ ଏକ ମନ୍ଦିରରେ ଏହି ଲୁଟର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ।ଏହି ଘଟଣାରେ ମୋଟ୍ ୬ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ନେଇ ସେ ସୂଚନା ଦେଇଛନ୍ତି ।

## ଭୁବନେଶ୍ୱରରେ ୨୪ ଘଂଟାରେ ୩୪ ପଜିଟିଭ୍ : ୫୩ ସୁସ୍ଥ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧିରେ ଧିରେ କରୋନା ସଂକ୍ରମଣ ହ୍ରାସ ପାଉଛି। ମଙ୍ଗଳବାର ଦିନ ଆଉ ୩୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୮ ଜଣ ସଂଗରୋଧ ଓ ୨୬ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୫୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।

ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୫୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୭୭୬ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୫୩୬ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୦୯ ଜଣଙ୍କର ମୃତ୍ୟୁ ହୋଇଛି।

ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୩ ଜଣ ଏବଂ ହଂସପାଳ , ନୟାପଲ୍ଲୀ, ବରମୁଣ୍ଡା, ଜାଗମରା, ଟଙ୍କପାଣିରୋଡ୍ ଓ ୟୁନିଟ୍ ୪ରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

# ପଥଚାରୀଙ୍କ ଉପରେ ମାଡିଗଲା ଡ଼ମ୍ଫର : ତିନି ମହିଳାଙ୍କ ସମେତ ୬ ମୃତ, ଜଣେ ଗୁରୁତର



ନୟାଗଡ,୨୪।୧୧ (ନି.ପ୍ର): ରାସ୍ତାରେ ଯାଉଥିବା ପଥଚାରୀଙ୍କ ଉପରେ ମାଡିଗଲା ଡ଼ମ୍ଫର । ଫଳରେ ତିନି ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଆଜି ଅପରାହ୍ନରେ ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି ନୟାଗଡ଼ ଜିଲ୍ଲା ଶରଣକୂଳ ବଜାର ଠାରୁ ଅଳ୍ପ ଦୂର ଚୁଡ଼ା ମିଲ୍ ନିକଟରେ । ମୃତକଙ୍କ ମଧରେ ରହିଛନ୍ତି ତିନି ଜଣ ମହିଳା ଓ ତିନି ଜଣ ପୁରୁଷ । ଖବର ପାଇ ଶରଣକୂଳ ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଂଚିଛନ୍ତି । ଦୁର୍ଘଟଣା ଘଟାଇଥିବା ଡ଼ମ୍ଫରକୁ ଜବତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରୀ ରଖିଛନ୍ତି । ଡ଼ମ୍ଫରଟି ନୟାଗଡ଼ରୁ ଓଡ଼ଗାଁ ଆଡକୁ ଦ୍ରୁତ ଗତିରେ ଆସୁଥିବା ବେଳେ ଏମାନଙ୍କ ଉପରେ ମାଡି ଯାଇଥିଲା । ଘଟଣା ପରେ ଡ୍ରାଇଭର ସେଠାରୁ ଫେରାର୍ ହୋଇଯାଇଛି । ତେବେ କିଭଳି ଓ କେଉଁ ପରିସ୍ଥିତିରେ ଏତେ ବଡ଼ ଦୁର୍ଘଟଣା ଘଟିଲା । ଡ୍ରାଇଭରଙ୍କ ସାମାନ୍ୟ ଅସାବଧାନତା ୬ଟି ଜୀବନ ଦୀପକୁ ଲିଭାଇ ଦେଲା ତାକୁ ନେଇ ସ୍ତବ୍ଧ ହୋଇପଡିଛି ସମଗ୍ର ଅଂଚଳ ।

## ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୬୭୧ ହେଲା

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୭୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ ମୃତକମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୫ ଜଣ ତଥା ସମ୍ବଲପୁର ଜିଲ୍ଲାର ୩ ଜଣ ରହିଛନ୍ତି। ସେହିପରି ଅନୁଗୁଳ, କଟକ, ଖୋର୍ଦ୍ଧା, ଜଗତସିଂହପୁର, ନୂଆପଡା ଓ ରାୟଗଡା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ଅନୁଗୁଳ ଜିଲ୍ଲାର ଜଣେ ୨୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି ।

▶▶ପୃଷ୍ଠା ୭

# ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଉଦ୍‌ବେଗ

## ପୁରୀ ତତ୍କାଳୀନ ଏସପି ଅଖିଳେଶ ସିଂହଙ୍କୁ ଗିରଫ କରିବାକୁ ଦାବି



ଭୁବନେଶ୍ୱର,୨୪।୧୧ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଉଦବେଗ ପ୍ରକାଶ କରା ଯାଇଥିବା ବେଳେ ପୁରୀ ଓ ବୀରମିତ୍ରପୁରରେ ଘଟିଥିବା ହାଜତ ମୃତ୍ୟୁ ଘଟଣା ପରେ ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ଦାବି କରିବା ସହ ପୁରୀ ତତ୍କାଳୀନ ଏସପି ଅଖିଳେଶ ସିଂହଙ୍କୁ ୩୦୭ ଦଫାରେ ଗିରଫ କରିବାକୁ ଦାବି କରା ଯାଇଛି । ଏ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତରରେ ମନ୍ତ୍ରୀ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉକ୍ତ ଦୁଇଟି ଘଟଣା ଉପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆ ଯାଇଥିବା କହିଛନ୍ତି । ଏହି ପ୍ରସଙ୍ଗରେ ଆଜି ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆସିଥିଲା । ଆଲୋଚନାରେ ଉଭୟ ବିଜେପି ଓ କଂଗ୍ରେସ ସଭ୍ୟ ମୋହନ ଚରଣ ମାଝୀ, ଜୟ ନାରାୟଣ ମିଶ୍ର, ସନ୍ତୋଷ ସିଂହ ସାଲୁଜା, ତାରା ପ୍ରସାଦ ବାହିନୀପତି ହାଜତ ମୃତ୍ୟୁ ଘଟଣାକୁ ନିନ୍ଦା କରିଥିଲେ । ପୁରୀ ହାଜତ ମୃତ୍ୟୁ ମାମଲାରେ ମୃତ୍ୟୁବରଣ କରିଥିଲେ କେ ରମେଶଙ୍କୁ ଥାର୍ଡ ଡିଗ୍ରୀ ବ୍ୟବହାର କରା ଯାଇଥିଲା ମୃତ୍ୟୁ ପରେ ଜୋର ଜବରଦସ୍ତି ତାର ଶବ ଦାହ କରା ଯାଇଥିଲା । ପରିବାରକୁ ଶବ ହସ୍ତାନ୍ତର କରା ଯାଇ ନ ଥିଲା । ମାନବିକତା ହୀନ ଏହି କାର୍ଯ୍ୟ କଦାପି କ୍ଷମଣୀୟ ନୁହେଁ । ହାଜତ ମୃତ୍ୟୁ, ଚୋରୀ. ଡକାୟତି , ଦୁଷ୍କର୍ମ, ହତ୍ୟା ଲୁଟ, ନାବାଳିକା ଦୁଷ୍କର୍ମ ବଢି ବଢି ଚାଲିଛି । ନିଶା କାରବାର ବଢୁଛି । ଧନଜୀବନର ସୁରକ୍ଷା ପାଇଁ ସରକାର ବିଫଳ ହୋଇଥିବା ସେମାନେ କହିଥିଲେ । ପୁରୀ ଘଟଣାରେ ଜଣେ ସିଟିଂ ଜଜ ଦ୍ୱାରା ତଦନ୍ତ କରା ଯାଉ ବୋଲି ସେମାନେ ଦାବି କରିଥିଲେ । ଶାସକ ଦଳର ସଭ୍ୟ ଅତନୁ ସବ୍ୟସାଚୀ ନାୟକ, ଅମର ଶତପଥୀ, ପ୍ରତାପ ଦେବ କହିଥିଲେ ଯେ ରାଜ୍ୟ ସରକାର ଏହି ମାମଲାରେ ନୀରବଦ୍ରଷ୍ଟା ଅଛନ୍ତି ବୋଲି ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଠିକ ନୁହେଁ ବୋଲି କହିଥିଲେ । ଯେତେବେଳେ ଯେଉଁ ଘଟଣା ଘଟିଛି ତତକ୍ଷଣାତ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି ଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆ ଯାଇଛି । ବହୁ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦଣ୍ଡବିଧାନ କରା ଯାଇଛି । ଆଲୋଚନାର ଉତର ଦେଇ ମନ୍ତ୍ରୀ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଓ ନିୟନ୍ତ୍ରଣରେ ରହିଛି । ଅପରାଧ ପରିସ୍ଥିତି ମୋଟ ଉପରେ ନିୟନ୍ତ୍ରଣରେ ଅଛି । ଉଚିତ ସମୟରେ ଚତୁରତାର ସହିତ ମୁକାବିଲା କରା ଯାଉଛି । ଆଇନ ଶୃଙ୍ଖଳା ରକ୍ଷା ଓ ଲୋକଙ୍କର ଧନଜୀବନକୁ ସୁରକ୍ଷା ଉପରେ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି । ରାଜ୍ୟରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ଘଟିନାହିଁ । ସାଂପ୍ରଦାୟିକ ଘଟଣା ଘଟି ନାହିଁ । ବଡ ଧରଣର ଶ୍ରମିକ ବା କର୍ମଚାରୀ ଆନ୍ଦୋଳନ ହୋଇ ନାହିଁ ।

# ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୪।୧୧ (ନି.ପ୍ର): ଆଜି ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଜଷ୍ଟିସ ରାଜକିଶୋର ଦାସଙ୍କ ସ୍ମୃତି ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବାରୁ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କୁ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ପ୍ରଯୋଜକ ଲୁଟୁ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ହାଲି, ଡକ୍ଟର ସୌରେନ ମହାପାତ୍ର, ଡକ୍ଟର ରଜନୀ ରଂଜନ, ଶ୍ରୀଧର ସାଥୀ, ପ୍ରଯୋଜକ ରମେଶ ଚନ୍ଦ୍ର ଜେନା, ରବୀନ୍ଦ୍ର ବିଶ୍ୱାଳ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା, ତନ୍ମୟ ସ୍ୱାଇଁ, ଶୁଭ୍ର ମହାପାତ୍ର ଓ ଅଲେଖ ନାୟକ ପ୍ରମୁଖ ଉପସ୍ଥିତ ଥାଇ ଶ୍ରୀ ପଟ୍ଟନାୟକଙ୍କର ନିଷ୍ଠାପର କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ପରିଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଓଡ଼ିଶାର ଚାଷୀକୂଳ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସମୀର ମହାନ୍ତି

ଭୁବନେଶ୍ୱର,୨୪।୧୧ (ନି.ପ୍ର): ମୋଦୀ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ଲାଗୁ କରିଛନ୍ତି । ଗତ ୬ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ଅର୍ଥ ରାଶି ପ୍ରାପ୍ତି, ପାରିଶ୍ରମିକ ମୂଲ୍ୟ ପ୍ରଦାନ, ଫସଲ ବୀମା ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଅର୍ଥ ଦିଆଯାଇଛି । ଚାଷୀଙ୍କ ହିତ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରଶଂସା କରିବା ଓଡିଶା ଚାଷୀକୂଳ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୋଦି ସରକାର ୨୦୧୪-୧୫ ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶାର ଚାଷୀଙ୍କ ଠାରୁ ଏମଏସପି ମୂଲ୍ୟ ବାବଦରେ ଧାନ କିଣି ବ୍ୟାଙ୍କ ଖାତାକୁ ସିଧାସଳଖ ୫୩ ହଜାର ୬୮୦.୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଗତ ୬ ବର୍ଷ ମଧ୍ୟରେ ଏମଏସପିର ଦ୍ରୁତ ବୃଦ୍ଧି ଚାଷୀ ମାନଙ୍କୁ ଅଧିକ ଲାଭ ଦେଇଛି । ବର୍ଷ ୨୦୧୩-୧୪ରେ ଧାନର ଏମଏସପି ମୂଲ୍ୟ ୧୩୧୦ ଟଙ୍କା ଥିଲା ବେଳେ ବର୍ଷ ୨୦୧୪ରେ-୧୫ରେ ଯଥାକ୍ରମେ ୧୩୬୦ ଟଙ୍କା, ବର୍ଷ ୨୦୧୫-୧୬ରେ ୧୪୧୦ ଟଙ୍କା, ବର୍ଷ ୨୦୧୬-୧୭ରେ ୧୪୭୦ ଟଙ୍କା, ବର୍ଷ ୨୦୧୭-୧୮ରେ ୧୫୫୦ ଟଙ୍କା, ବର୍ଷ ୨୦୧୮-୧୯ରେ ୧୭୫୦ ଟଙ୍କା, ବର୍ଷ ୨୦୧୯-୨୦ରେ ୧୮୧୫ ଟଙ୍କା ଏବଂ ବର୍ଷ ୨୦୨୦-୨୧ରେ ଧାନର ଏମଏସପି ମୂଲ୍ୟ ୧୮୬୮ ଟଙ୍କାକୁ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷ ନଭେମ୍ବର ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ ଉପକୃତ ହୋଇଛନ୍ତି । ଫସଲ କରିବା ପାଇଁ ଅତିରିକ୍ତ ସହଯୋଗ ଏବଂ ପରିବାରର ଭରଣପୋଷଣ ପାଇଁ ୨୦୧୮-୧୯ ଠାରୁ ଚାଷୀଙ୍କ ସିଧାସଳଖ ବ୍ୟାଙ୍କ୍ ଖାତାକୁ ୨ ହଜାର ୭୩୧.୮୭ କୋଟି ଟଙ୍କା ପ୍ରଦାନ କରାଯାଇଛି । ବର୍ଷ ୨୦୧୮-୧୯ରେ ଯଥାକ୍ରମେ ୧୯୪.୭୫ କୋଟି, ବର୍ଷ ୨୦୧୯-୨୦ରେ ୧୬୮୬.୫୮ କୋଟି ଏବଂ ୨୦୨୦-୨୧ ନଭେମ୍ବର ମାସ ସୁଦ୍ଧା ୮୫୦.୩୫ କୋଟି ଟଙ୍କା ସମସ୍ତ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ୍ ଆକାଉଂଟକୁ ଟ୍ରାନ୍ସଫର୍ କରାଯାଇଛି । ୨୦୧୬-୧୭ ଠାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଓଡ଼ିଶାର ୨୦.୯୪ ଲକ୍ଷ ଚାଷୀଙ୍କୁ ମୋଟ ୪,୪୨୪.୮୫ କୋଟି ଟଙ୍କା ଦିଆଯାଇଛି । ମୋଦି ସରକାର ଚାଷୀକୂଳର ମେରୁଦଣ୍ଡକୁ ସୁଦୃଢ଼ କରିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗ୍ରହଣ କରିଥିବାବେଳେ ରାଜ୍ୟସରକାରଙ୍କ ଅପାରଗତ କାରଣରୁ ଓଡିଶାର ଚାଷୀକୂଳ ଏହି ଯୋଜନାରୁ ପାଇବାରୁ ବଂଚିତ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ୧୧୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଓଡିଶାରେ ଭୂସଂସ୍କାର ଆନ୍ଦୋଳନର ପ୍ରବର୍ତ୍ତକ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୧୯ତମ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଶାନ୍ତ ମୁଦୁଲି ଓ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# 'ନାକ୍' ପ୍ରସ୍ତୁତ ଓଡ଼ିଶା ରିପୋର୍ଟ ପୁସ୍ତିକା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୨୪।୧୧ (ନି.ପ୍ର): 'ନାକ୍' ଦ୍ୱାରା ପ୍ରକାଶିତ 'ଓଡ଼ିଶା ରିପୋର୍ଟ' ଆଧାରରେ ଓ ସ ୁ ପ । ର ି ଶ େ ର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ କରାଯିବ ଯେପରି ସେମାନେ ସହଜରେ 'ନାକ୍' ମାନ୍ୟତା ହାସଲ କରିପାରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ସୋମବାର ଅପରାହ୍ଣରେ 'ନାକ୍' ଦ୍ୱାରା ପ୍ରସ୍ତୁତ 'ଓଡ଼ିଶା ରିପୋର୍ଟ' ପୁସ୍ତିକାକୁ ଉନ୍ମୋଚନ କରି ମନ୍ତ୍ରୀ ଡ. ସାହୁ କହିଲେ 'ନାକ୍' ଆକ୍ରେଡିସନ୍ ପାଇବା ଦିଗରେ ରାଜ୍ୟ ସରକାର ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି । ଏଥି ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ସେଲର ପ୍ରତିଷ୍ଠା କରାଯାଇଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ୟୁଜିସିର ଏକ ସ୍ୱୟଂ ଶାସିତ ସଂସ୍ଥା ଦ୍ୱାରା ରାଜ୍ୟର ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ, ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷା ଆହରଣ, ଗବେଷଣା ଓ ନୂତନ ଉଦ୍ଭାବନ, ଶିକ୍ଷାନୁଷ୍ଠାନର ଭିତିଭୂମି ଓ ଶିକ୍ଷାଦାନର ଭିତିଭୂମି ଏବଂ ଏହାର ପରିଚାଳନା ପଦ୍ଧତି ଓ ଶ୍ରେଷ୍ଠ କାର୍ଯ୍ୟାନ୍ୱୟନ ଆଦିକୁ ବିଚାର କରି ଏହି 'ରିପୋର୍ଟ ପୁସ୍ତିକା' ପ୍ରକାଶ କରାଯାଇଛି । ଭାରତବର୍ଷରେ ଓଡ଼ିଶା ୧୪ତମ ରାଜ୍ୟ ଯାହାର 'ନାକ୍' ଦ୍ୱାରା ରିପୋର୍ଟ ପୁସ୍ତିକା ପ୍ରକାଶକ କରାଯାଇଛି । ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏହି ରିପୋର୍ଟ ପୁସ୍ତକା ଉନ୍ମୋଚନ ଅବସରରେ 'ନାକ୍'ର ନିର୍ଦ୍ଦେଶକ ଡ. ଏସ୍.ସି ଶର୍ମା ଅଧକ୍ଷତା କରିଥିବାବେଳେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, 'ନାକ୍'ର ଉପଦେଷ୍ଟା ପ୍ରଫେସର ଅମୀୟ କୁମାର ରଥ, 'ନାକ୍'ର ରିସର୍ଚ୍ଚ ଏବଂ ଆନାଲିସିସ୍ ଉଇଙ୍ଗ୍‌ର ପରାମର୍ଶଦାତା ଡ. ଏସ୍. ଶ୍ରୀକାନ୍ତ ସ୍ୱାମୀ, ପ୍ରଫେସର ସୁସ୍ମିତ ପାଣି ପ୍ରମୁଖ ଯୋଗ ଦେଇଥିଲେ ।

# ମାଛଚାଷ ମାଧ୍ୟମରେ ଓଡ଼ିଶାର ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଆର୍ଥିକ ନିରାପତା

### ପୁଷ୍ଟିସାଧନ ମିଶନ ଶକ୍ତି ଏସ୍‌ଏଚ୍‌ଜି ମାନଙ୍କ ଦ୍ୱାରା ଲକ୍‌ଡାଉନ୍ ସମୟରେ ୨୧,୦୦୦ କ୍ୱିଂଟାଲ୍ ମାଛ ଉତ୍ପାଦନ

ଭୁବନେଶ୍ୱର,୨୪।୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ୍ ସଦର ମହକୁମାଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ଲାଖପଦର ଗାଁ । ୧୦ ଜଣ ଗରିବ ମହିଳା ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ୨୦୧୬ ମସିହାରେ କେଦାରଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହାୟତାରେ ମାଛଚାଷ ପାଇଁ ଗ୍ରାମ ପଂଚାୟତ ପୋଖରୀଗୁଡ଼ିକର ଦୀର୍ଘମିଆଦୀ ଲିଜ୍ ପାଇଁ ୨୦୧୯ ମସିହାରେ ପୋଖରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କଲେ । ଚୟନ ପ୍ରକ୍ରିୟାରେ ସଫଳ ହେବା ପରେ ୧୪ ଏକର ପରିମିତ ପଂଚାୟତ ପୋଖରୀକୁ ୩ ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇ ମାଛଚାଷ ଆରମ୍ଭ କଲେ । ବ୍ୟବସାୟିକ ଭିତିରେ ମାଛଚାଷ ପାଇଁ ତାଲିମ ନେବା ସହ ମିଶନ ଶକ୍ତି ସହାୟତାରେ ୩ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ନେଇ ୩ କ୍ୱିଂଟାଲ୍‌ର ମାଛ ଯାଆଁଳ ଛାଡ଼ିଥିଲେ । ମିଶନ ଶକ୍ତି ଜୀବିକା ସଂଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଏସ୍‌ଏଚ୍‌ଜି ମତ୍ସ୍ୟ ନିର୍ଦ୍ଦେଶାଳୟ ତରଫରୁ ୩.୬ ଲକ୍ଷ ଟଙ୍କାର ଇନ୍‌ପୁଟ୍ ସବ୍ ?ସିଡି ପାଇପାରିଛନ୍ତି । କୋଭିଡ୍ ୧୯ ଲକ୍‌ଡାଉନ୍ ସମୟରେ ୧.୫ ଲକ୍ଷ ଟଙ୍କା ମୂଲ୍ୟର ପ୍ରାୟ ୧୦ କ୍ୱିଂଟାଲ୍ ମାଛ ଉତ୍ପାଦନ କରି ସ୍ଥାନୀୟ ବଜାରରେ ବିକ୍ରି କରିଛନ୍ତି । ଏ ପର୍ଯ୍ୟନ୍ତ ପ୍ରାୟ ୨.୧ ଲକ୍ଷ ଟଙ୍କାର ଲାଭ ପାଇଥିବା ଏହି ମହିଳାମାନେ ଶେଷ ଅମଳ ବେଳକୁ ଆଖିଦୃଶିଆ ଲାଭ ପାଇବେ ବୋଲି ଆଶା ରଖିଛନ୍ତି । କେଦାରଗୌରୀ ଏସ୍‌ଏଚ୍‌ଜିର ସଭାପତି ଶ୍ରୀମତୀ କମଳି ଭୋଇ କୁହନ୍ତି, 'ଆମର ନିୟମିତ ଘର ଖର୍ଚ୍ଚ ପାଇଁ ଯଥେଷ୍ଟ ଆର୍ଥିକ ସହଯୋଗ କରିପାରିଥିବାରୁ ଆମେ ବହୁତ ଖୁସି । ରାଜ୍ୟ ସରକାରଙ୍କର ଦ୍ୱାରା ୨୯ ମଇ, ୨୦୧୯ରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ୍ ବୈଠକରେ ବିଭିନ୍ନ ସେବା ପ୍ରଦାନ ତଥା ସରକାରୀ ବିଭାଗଗୁଡ଼ିକର ସାମଗ୍ରୀ ସଂଗ୍ରହ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏସ୍‌ଏଚ୍‌ଜିମାନଙ୍କୁ ନିୟୋଜିତ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ଏହା ଦ୍ୱାରା ବିଭିନ୍ନ ବିଭାଗ ସହ ସଂଯୋଜନାରେ ସରକାରୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଲକ୍ଷ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ଗୋଷ୍ଠୀ ମାଧ୍ୟମରେ ସାମିଲ କରି ଅତିରକ୍ତ ଏବଂ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ରହିଛି । ଏହି ନିଷ୍ପତି ଫଳରେ ପ୍ରତି ବର୍ଷ ଏସ୍‌ଏଚ୍‌ଜିମାନଙ୍କୁ ପ୍ରାୟ ୧ ହଜାର କୋଟି ଟଙ୍କା ମୂଲ୍ୟର ବ୍ୟବସାୟ ଯୋଗାଇ ଦିଆଯିବାର ନିଷ୍ପତି ହୋଇଛି । ମତ୍ସ୍ୟ ନିର୍ଦ୍ଦେଶାଳୟର ସହଯୋଗରେ ଗ୍ରାମପଂଚାୟତ ପୋଖରୀରେ ଏସ୍‌ଏଚ୍‌ଜିମାନଙ୍କ ଦ୍ୱାରା ମାଛଚାଷ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇପାରିଛି । ଆନୁଷଙ୍ଗିକ କୃଷି ଭାବେ ମାଛଚାଷ ଏକ ସଫଳ କାର୍ଯ୍ୟକ୍ରମ ଯାହାଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଲୋକମାନଙ୍କୁ ପୁଷ୍ଟିସାଧନ ସୁରକ୍ଷା ସହିତ ପ୍ରୋଟିନ୍, ଭିଟାମିନ୍, ଖଣିଜ ଲବଣ ଆଦିର ଅତିରିକ୍ତ ପୁଷ୍ଟି ମିଳିପାରୁଛି । ରାଜ୍ୟରେ ଗ୍ରାମପଂଚାୟତଗୁଡ଼ିକ ଦ୍ୱାରା ପ୍ରାୟ ୫୧ ହଜାର ହେକଟର ପରିମିତ ଜଳଉତ୍ସରେ ୬୪ ହଜାର ପଂଚାୟତ ପୋଖରୀର ପରିଚାଳନା କରାଯାଉଅଛି । ଏହି ପୋଖରୀଗୁଡ଼ିକୁ ପଂଚାୟତର ରାଜସ୍ୱ ବୃଦ୍ଧି ପାଇଁ ବାର୍ଷିକ ଲିଜ୍ ଆକାରରେ ମାଛଚାଷ ପାଇଁ ଦିଆଯାଉଅଛି । ଏହି ପରିପ୍ରେକ୍ଷୀରେ ୨୦୧୮ ମସିହାରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ଓ ମିଶନ ଶକ୍ତି ନିର୍ଦ୍ଦେଶାଳୟ ସହଭାଗିତାରେ 'ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା 'ପଂଚାୟତ ପୋଖରୀରେ ମାଛ ଚାଷ' ନାମକ ଏକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଅଛନ୍ତି । ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୩୫୭୯.୪୨ ହେକଟର ପରିମିତ ୪୪୦୧ଟି ପଂଚାୟତ ପୋଖରୀକୁ ମିଶନ ଶକ୍ତି ମହିଳା ଗୋଷ୍ଠୀମାନଙ୍କୁ ମାଛଚାଷ ପାଇଁ ଲିଜ୍ ? ସୂତ୍ରରେ ପ୍ରଦାନ କରାଯାଇଛି । ୪୦୩୮ଟି ପଂଚାୟତ ପୋଖରୀରେ ଏ ପର୍ଯ୍ୟନ୍ତ ପ୍ରାୟ ୮୩ କୋଟି ଟଙ୍କାର ମାଛ ଉତ୍ପାଦନ ହୋଇଛି । ନିଜ ଘରପାଖରେ ବଜାର ସୁବିଧା ଫଳରେ ଏହି ଜୀବିକା କାର୍ଯ୍ୟକ୍ରମ ବେଶ୍ ସଫଳ ହେବା ସହ ରାଜ୍ୟର ମହିଳା ଏବଂ ଶିଶୁମାନଙ୍କ ପରିପୂରକ ପୁଷ୍ଟିସାଧନକୁ ଅନେକାଂଶରେ ସୁନିଶ୍ଚିତ କରିପାରିଛି । ୨୦୧୯-୨୦ ଆର୍ଥିକ ବର୍ଷରେ ୨୪୦୦ ମିଶନ ଶକ୍ତି ଗୋଷ୍ଠୀ ୨୩୪୪ଟି ପଂଚାୟତ ପୋଖରୀରେ ଉନ୍ନତ ମାଛ ଚାଷ କରି ଲାଭବାନ ହୋଇପାରିଛନ୍ତି । ଲକ୍‌ଡାଉନ୍ ସମୟରେ ୪୩୫୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୨୧ ହଜାର କ୍ୱିଂଟାଲ ମାଛ ଉତ୍ପାଦନ କରିଛନ୍ତି ଯାହାର ବଜାର ମୂଲ୍ୟ ୩୦.୨ କୋଟି ଟଙ୍କା ଏବଂ ଏଥିରୁ ସେମାନେ ୧୫.୧ କୋଟି ଟଙ୍କାର ଲାଭ ପାଇ ପାରିଛନ୍ତି । ଉଭୟ ସହର ଏବଂ ଗ୍ରାମାଂଚଳର ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଅର୍ଥ ଉପାର୍ଜନର ପନ୍ଥା ଅବଲମ୍ବନ କରି ଆତ୍ମନିର୍ଭରଶୀଳ ହେବା ସହ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ମାଧ୍ୟମରେ ଏକ ଗଠନମୂଳକ ସମାଜ ପ୍ରତିଷ୍ଠା ଦିଗରେ ମିଶନ ଶକ୍ତି ଇତି ମଧ୍ୟରେ ଦୀର୍ଘପଥ ଅତିକ୍ରମ କରିଛି । ଅନୁକୂଳ ବାତାବରଣ, ସୁହାଇବା ପରି ଯୋଜନା ପ୍ରସ୍ତୁତି ଏବଂ ପ୍ରଶାସନିକ ସହାୟତା ମାଧ୍ୟମରେ ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶା ଏକ ନୂତନ ଶିଖର ଛୁଇଁବାକୁ ଯାଉଛି ।

# ପାଣିଟାଙ୍କି ନିର୍ମାଣକାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ; କାର୍ଯ୍ୟାନୁଷ୍ଠାନ ଦାବି



ବାରିପଦା,୨୪।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କରିଆ ବିଜ୍ଞାପିତ ଅଂଚଳ ପରିଷଦର ୮ ନମ୍ବର ଓାର୍ଡରେ ଜନ ସ୍ୱାସ୍ଥ୍ୟ ଇଂଜିନିୟରିଂ ବିଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ଚାଲିଥିବା ନିର୍ମାଣାଧୀନ ପାଣି ଟାଙ୍କି କାର୍ଯ୍ୟ ଅତି ନିମ୍ନମାନର ହେଉଥିବାର କାର୍ଯ୍ୟ ଆରମ୍ଭ ବେଳୁ ୱାର୍ଡବାସୀମାନେ ଅଭିଯୋଗ କରିଆସୁଛନ୍ତି । ପ୍ରଥମତଃ ଏକ ଅପନ୍ତରିଆ ସ୍ଥାନରେ ବିରୋଧ ସତ୍ୱେ ଏହି କାର୍ଯ୍ୟ କରାଯାଉଛି, ଦ୍ୱିତୀୟତଃ ଏହି ନିର୍ମାଣକାର୍ଯ୍ୟରେ ନିମ୍ନମାନର ଇଟା ଓ ଅନ୍ୟ ସରାମ ବ୍ୟବହାର କରାଯାଉଛି । ଏଭଳି ଅଭିଯୋଗ ହେବାପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଘଟନା ସ୍ଥଳକୁ ତଦନ୍ତ ପାଇଁ ଆସିଥିବା ବେଳେ ସ୍ଥାନୀୟ ଅଧିବାସୀମାନେ ଉପରୋକ୍ତ ଅଭିଯୋଗର ପୁନରାବୃତିକରି ଏଠାରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯିବାପାଇଁ ଦାବି କରିଥିଲେ । କିଛିଦିନ ପୂର୍ବରୁ ସାଂସଦ ପ୍ରତିନିଧି ଶ୍ରୀ ଜିତେନ୍ଦ୍ର ରାଜ ଓ ସ୍ଥାନୀୟ ବିଧାୟିକା ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଏହି ଓାର୍ଡକୁ ଗସ୍ତରେ ଆସି ଏହି ଅଭିଯୋଗ କରିଥିଲେ । ତେବେ ଏନ.ଏ.ସି. ଦ୍ୱାରା ଆବର୍ଜନା ପଡୁଥିବା ସ୍ଥାନରେ ଏହି ଗ୍ରାଉଣ୍ଡ ୱାଟର୍ ଟାଙ୍କି ଅଭିଯୋଗ ସତ୍ତ୍ୱେ କିପରି ନିର୍ମାଣ ହେଉଛି,ଏଥିରେ କାହାର ସ୍ୱାର୍ଥ ନିହିତ ଅଛି , ତାହାର ତଦନ୍ତ ହେବା ସହିତ ଏଠାରେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଠିକ୍ ଭାବେ ନିର୍ମାଣ କରାଯିବାପାଇଁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି ।

# ୧୯୫୬ ଓଡିଶା ନିଶା ନିବାରଣ ଆଇନ ଲାଗୁ କରାଯାଉ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୦ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ଲୋୟର ପିଏମଜି ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଗଠନ ପକ୍ଷରୁ ତାଙ୍କ ଦ୍ୱାରା ପାରିତ ୧୯୫୬ ଓଡିଶା ନିଶା ନିବାରଣ ଆଇନକୁ ତୁରନ୍ତ ଲାଗୁ କରିବା ପାଇଁ ଦାବୀ କରାଯାଇଛି । ମୋନାର ସଭାପତି ପଦ୍ମ ଚରଣ ନାୟକ କହିଛନ୍ତି ଯେ, ନବକୃଷ୍ଣ ଚୌଧୁରୀ ରାଜନୀତି, ପଦ ପଦବୀ, ସାମନ୍ତବାଦୀ ବିରୋଧରେ ଏବଂ ଲୋକଙ୍କ ଅଧିକାର ପକ୍ଷରେ ସର୍ବଦା ଲଢୁଥିବା ଏକ ଅନନ୍ୟ ଜନନେତା ଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଲୋକଙ୍କ ପାଇଁ ସେ ନେଇଥିବା ଅନେକ ନିର୍ଣ୍ଣୟ ଆଧୁନିକ ଓଡିଶା ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡିଶାର ବିକାଶରେ ମଦ ଏକ ମୁଖ୍ୟ ବାଧକ ବୋଲି ସେ ବୁଝିଥିଲେ, ତେଣୁ ସେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳରେ ୧୯୫୬ ନିଶା ନିବାରଣ ଆଇନ ବିଧାନସଭାରେ ପାରିତ କରିଥିଲେ, ଯେବେକି ତାଙ୍କ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମାନେ ଏହାକୁ କାର୍ଯ୍ୟକାରୀ ନକରିବା ଅତି ଦୁର୍ଭାଗ୍ୟଜନକ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପ୍ରହଲ୍ଲାଦ ସିଂହ, ବିଶିଷ୍ଟ ଗାନ୍ଧୀବାଦୀ ନେତା, ପ୍ରଫେସର ଡଃ ବିଶ୍ୱପ୍ରକାଶ, ମୋନା ପକ୍ଷରୁ ଶ୍ରୀ ଅଦୌତ୍ୱ ପାତ୍ର, ଉପସଭାପତି, କାହ୍ନୁ ଚରଣ ବେହୁରା, ସଂଗଠନ ସଂପାଦକ, ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ ।

## ଭଞ୍ଜସେନାର ବାରିପଦା ଉପଖଣ୍ଡସ୍ତରୀୟ କମିଟି ପୁର୍ନଗଠିତ

ବାରିପଦା,୨୪।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ଯୁବଛାତ୍ର ସଙ୍ଗଠନ ଭଞ୍ଜସେନା ତାର ବାରିପଦା ଉପଖଣ୍ଡ କମିଟିକୁ ପୁର୍ନଗଠନ କରିଛି । ସେନାର ଜିଲ୍ଲା ସଭାପତି ପିଂଟୁ ମାଇତିଙ୍କ ଅନୁମୋଦନ କ୍ରମେ ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ ଆଜି ସେନାର ଉପ-ସଭାପତି ଭାବେ ମଳୟ କର, ସତ୍ୟନାରାୟଣ ଜୀଉ ଓ ଶିବଶଙ୍କର ପାତ୍ର, ସାଧାରଣ ସମ୍ପାଦକ ଭାବେ ରାମ କୁଣ୍ଡିଆ ମୁର୍ମୁ, ସମ୍ପାଦକ ଭାବେ ମନୋରଞ୍ଜନ ବାରିକ ଓ ବିଷ୍ଣୁପଦ ମହାନ୍ତ, ସହର ସଭାପତି ଭାବେ ପ୍ରିତମ ପଣ୍ଡା, ରାସଗୋବିନ୍ଦପୁର ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ନୂତନ କର୍ମକର୍ତାମାନଙ୍କ ନାମ ଓ ପଦବୀ ଘୋଷଣା କରିଛନ୍ତି ।

# ଅଦିନିଆ ବର୍ଷା : କୃଷି ଋଣ ଛାଡ଼ ସହ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ ନିମନ୍ତେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି

ବାରିପଦା,୨୪।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଅଦିନିଆ ବର୍ଷା ଚାଷୀମାନଙ୍କର ବର୍ଷକର ପରିଶ୍ରମ ଖରିଫ ଧାନ ଚାଷକୁ ଛଡ଼ାଇ ନେଇଛି । ବର୍ଷା ଫଳରେ କଟାଯାଇଥିବା ଧାନ ବିଲରେ ଜମିଥିବା ପାଣିରେ ଭାସୁଛି । ଧାନ ଗଜା ହେବା ଅବସ୍ଥାକୁ ଆସି ଯାଇଛି । ବର୍ଷାପାଣି ପାଇବା ଦ୍ୱାରା ଧାନର ରଙ୍ଗ ସହ ମାନରେ ହ୍ରାସ ପାଇବା ସୁନିର୍ଶ୍ଚିତ ହୋଇପଡ଼ିଛି । ପ୍ରଥମେ କରୋନା ମାଡ଼ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ଅଦିନିଆ ବର୍ଷା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି । ଏଣୁ ଚାଷୀମାନଙ୍କ ସ୍ୱାର୍ଥକୁ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ଗୁରୁତର ସହ ବିଚାରକୁ ନେଇ କୃଷକମାନଙ୍କର କୃଷି ଋଣ ଛାଡ଼ କରାଯିବା ସହ ଅଦିନିଆ ବର୍ଷାରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ଏବଂ ଫସଲ ବୀମା ପ୍ରଦାନ କରାଯିବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଏଥି ନିମନ୍ତେ ମୋର୍ଚ୍ଚାର ସଭାପତି ଧରମରାଜ ହାଁସଦାଃଙ୍କ ନେତୃତ୍ୱରେ ବିଶ୍ୱଜିତ୍ ମୁର୍ମୁ, ବିରାମ ମୁର୍ମୁ, ବୈଦ୍ୟ ହେମ୍ବ୍ରମ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଆଜି ମୁଖ୍ୟ କୃଷି ବିଭାଗ ଅଧିକାରୀଙ୍କୁ ଭେଟି ଏହି ସମସ୍ତ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବିଜେପି ରିଷିପିଟି ମଣ୍ଡଳର ପ୍ରଶିକ୍ଷଣ ଶିବିର

ନୂଆପଡା,୨୪।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ଭାରତୀୟ ଜନତା ପାର୍ଟିର ରିଷିପିଟି ମଣ୍ଡଳର କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ୨ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ରିଷିପିଟି ମଣ୍ଡଳ ସଭାପତି ପ୍ରଶାନ୍ତ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ଖଡିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ନୂଆପଡା ଜିଲ୍ଲା ପ୍ରଭାରୀ ଆର୍ତ୍ତ ମହାପାତ୍ର, ଦେବଦେବ ପ୍ରସାଦ ସିଂଦେଓ, ପ୍ରଶନ୍ନ ପାଢୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନୂଆପଡା ଜିଲ୍ଲା ସଂଘ ଚାଳକ ପୁସ୍ତମ ସୁନାନୀ, ଅତିନ୍ଦ୍ର ମଲ୍ଲିକ, ଜିଲ୍ଲା ସଭାପତି ସୁବ୍ରତ ଠାକୁର, ପ୍ରେମସିନ୍ଧୁ ହେର୍ଣ୍ଣା ସମେତ ଅଞ୍ଚଳର ୮ଗୋଟି ପଞ୍ଚାୟତର କର୍ମକର୍ତ୍ତା ଯୋଗଦାନ କରିଥିଲେ ।

# ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳିବ ବିଜେପି : ଡି.ପୁରନ୍ଦେଶ୍ୱରୀ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ପ୍ରଦେଶ କାର୍ଯ୍ୟାଳୟ ଠାରେ ନବନିଯୁକ୍ତ ଓଡିଶା ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ବିଜୟ ପାଲ ସିଂହ ତୋମାରଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଭର୍ଚୁଆଲ ମିଟିଙ୍ଗ ମାଧ୍ୟମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସମ୍ବର୍ଦ୍ଧନା ପ୍ରସ୍ତାବ ରଖିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ , କେ.ଭି.ସିଂହଦେଓ ପ୍ରମୁଖ ପ୍ରଭାରୀ ଓ ସହପ୍ରଭାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହାର ଉତର ଦେଇ ଡି.ପୁରନ୍ଦେଶ୍ୱରୀ ଓଡିଶାର ପ୍ରଭାରୀ ଭାବେ ଯେଉଁ ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି ନିଷ୍ଠାର ସହିତ ସେ ତୁଲାଇବେ ବୋଲି ପ୍ରତିଶୃତି ଦେଇଥିଲେ । କରୋନା ଯୋଗୁଁ ବ୍ୟକ୍ତିଗତ ଭାବେ ସେ ସମସ୍ତଙ୍କ ସହ ସାକ୍ଷାତ କରିପାରୁନଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଖୁବ ଶୀଘ୍ର ଓଡିଶା ଆସି ସମସ୍ତଙ୍କୁ ସାକ୍ଷାତ କରିବେ ବୋଲି କହିଥିଲେ । ଆଗାମୀ ନଭେମ୍ବର ୨୬ ତାରିଖ ଦିନ ରାଜ୍ୟ, ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ସମ୍ବିଧାନ ଦିବସ ପାଳନ କରିବା ପାଇଁ ସେ ଆହ୍ୱାନ ଦେବା ସହ ଡ. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ । ଓଡିଶା ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ଏକାଠି ହୋଇ ଆଗାମୀ ପୌର, ତ୍ରିସ୍ତରୀୟ ପଂଚାୟତ ଏବଂ ସାଧାରଣ ନିର୍ବାଚନରେ ବିଜେପିକୁ ସଫଳ କରିବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟକରିବାକୁ ସେ ଆହ୍ୱାନ ଦେଇଥିଲେ ।

# ଜିଲ୍ଲାର ଚାଷୀଙ୍କୁ ୨୦୧୭ ବର୍ଷର କୃଷି ବୀମା ରାଶି ମିଳିନି : ବାରମ୍ବାର ଆବଶ୍ୟକ କାଗଜାତ ମାଗି ଚାଷୀଙ୍କୁ ହଇରାଣ କରୁଛି କମ୍ପାନୀ

ନୂଆପଡା,୨୪।୧୧ (ନି.ପ୍ର): ନୂଆପଡା ଜିଲ୍ଲାର ଚାଷୀଙ୍କ ଭାଗ୍ୟ ସହ ଖେଳୁଛି କମ୍ପାନୀ । ନ୍ୟାସନାଲ ଇନସୁରାନ୍ସ ନାମକ କମ୍ପାନୀ ଗତ ୨୦୧୭ ରୁ ଅଦ୍ୟାବଧି ଚାଷୀଙ୍କ ବୀମା ରାଶି ପ୍ରଦାନ କରୁନଥିବା ବେଳେ କମ୍ପାନୀକୁ ପ୍ରଶାସନିକ ଏବଂ ରାଜନୈତିକ ଚାପ ପରେ କମ୍ପାନୀ ଇନସୁରାନ୍ସ ଟଙ୍କା ପ୍ରଦାନ କରିବାର ପ୍ରତିଶୃତି ଦେଇ ଏବେ ଲୋକଙ୍କୁ ଅନ୍ୟ ଉପାୟରେ ହଇରାଣ ହରକତ କରୁଥିବା ଅଭିଯୋଗ ହେଉଛି । ଏହି କମ୍ପାନୀ ଗତ ୨ ବର୍ଷ ମଧ୍ୟରେ ଫସଲ ବୀମା କରିଥିବା ଚାଷୀଙ୍କ ବିଭିନ୍ନ କାଗଜାତ ଠିକ ନଥିବା ଦର୍ଶାଇ ୨ ଥର ଲେଖାଏଁ ଚାଷୀଙ୍କ ଠାରୁ ଆବଶ୍ୟକ କାଗଜାତ ଅସୁଲି କରି ସାରିଥିବା ବେଳେ ପୁଣି ଏବେ କାଗଜାତ ଠିକ ନଥିବା ଦର୍ଶାଇ ପୁଣି ଆବଶ୍ୟକ କାଗଜାତ ମାଗୁଥିବା ଭଳି ଗୁରୁତର ଅଭିଯୋଗ ଆସିଛି । ଏନେଇ ଜିଲ୍ଲା କୃଷି ବିଭାଗ ଏବଂ ଖଡିଆଳ ଜିଲ୍ଲା କୃଷି ବିଭାଗକୁ ବୀମା କରିଥିବା ଚାଷୀଙ୍କ ତାଲିକା କମ୍ପାନୀ ପଠାଇ ପୁଣି ଆବଶ୍ୟକ କାଗଜାତ ଦେଲେ ବୀମା ରାଶି ପଇଠ କରାଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଛି । ଅନ୍ୟପକ୍ଷରେ ବୀମା କମ୍ପାନୀର ଏପରି ମନମୁଖି ଏବଂ ବୀମା ରାଶି ପ୍ରଦାନ ଆଳରେ ହଇରାଣ କରାଯାଉଥିବାରୁ ନୂଆପଡା ଜିଲ୍ଲାର ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ଚାଷୀ ମାନେ ବୀମା ରାଶି ଆଶାରେ ପୁଣି କାଗଜାତ ପ୍ରଦାନ କରୁଥିବା ବେଳେ ବୀମା କମ୍ପାନୀ ଜାଣିଶୁଣି ଚାଷୀଙ୍କୁ ଏପରି ହଇରାଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲାପାଳ, ନେତା, ସଚିବ, ମନ୍ତ୍ରୀଙ୍କୁ ବୀମା କମ୍ପାନୀ ମାନେ ଗୁରୁତ୍ୱ ଦେଉନଥିବା ଭଳି ଅଭିଯୋଗ କରିଛି ଚାଷୀ । ଯଦି ଏମାନଙ୍କୁ ଗୁରୁତ୍ୱ ଦିଅନ୍ତି ତେବେ ସଂପୃକ୍ତ ବୀମା କମ୍ପାନୀ ବାରମ୍ବାର ଚାଷୀଙ୍କୁ କାଗଜାତ ଠିକନଥିବା ଦର୍ଶାଇ ହଇରାଣ ନକରନ୍ତେ ବୋଲି ଜିଲ୍ଲାର ଚାଷୀକୂଳ ଅଭିଯୋଗ କରିଛନ୍ତି । ଚାଷୀ ବୀମା କଲା ବେଳେ କମ୍ପାନୀ କାଗଜାତ ସହ ପ୍ରିମିୟମ ରାଶି ଠିକ ଥିବା ନେଇ ଚାଷୀଙ୍କୁ ବୀମା କରିଥିବା ପରିଚୟ ପତ୍ର ପ୍ରଦାନ କରୁଥିବା ବେଳେ ବୀମା ଟଙ୍କା ପ୍ରଦାନ ବେଳେ କମ୍ପାନୀର ଏପରି ଟାଳଟୁଳ ନିତିକୁ ସାଧାରଣରେ ନାପସନ୍ଦ କରାଯାଇଛି । ଫଳରେ ଜିଲ୍ଲାର ଚାଷୀକୂଳ ମଧ୍ୟରେ ଅସନ୍ତୋଷ ଦେଖା ଦେଇ ଆସନ୍ତା ୧ ମାସ ମଧ୍ୟରେ ବୀମା ଟଙ୍କା ପ୍ରଦାନ ନକଲେ ବ୍ୟାପକ ମାତ୍ରାରେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଙ୍ଗଠନ ଦାବୀ କରିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାକାର ୮୦ ପ୍ରତିଶତରୁ ଅଧିକ ଚାଷୀ ବର୍ଷା ଜଳ ଭରଷାରେ ନିଜ ଚାଷବାସ କରିଥାନ୍ତି । କିନ୍ତୁ ଜିଲ୍ଲାରେ ଲଗାତାର ଚଳିତ ବର୍ଷକୁ ମିଶାଇ ୬ ବର୍ଷ ଧରି ମରୁଡି ସ୍ଥିତି ଦେଖା ଦେଇଥିବା ବେଳେ ଏଠାକାର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ନିଜ ଚାଷ ଜମିକୁ ବୀମାଭୁକ୍ତ କରି କ୍ଷତିପୂରଣ ଆଶା କରିଥିଲେ । କିନ୍ତୁ ସରକାରଙ୍କ ମରୁଡି ଘୋଷଣା ସତ୍ୱେ ବୀମା କମ୍ପାନୀ ବୀମା ରାଶି ପ୍ରଦାନ କରୁନଥିବା ଅଭିଯୋଗ ହେଉଛି । ନୂଆପଡା ଜିଲ୍ଲାର ଖଡିଆଳ, ବୋଡେନ, ସିନାପାଲି, କୋମନା, ନୂଆପଡା ବ୍ଲକର ଏକ ହଜାରରୁ ଅଧିକ ଚାଷୀ ସେମାନଙ୍କ ବୀମା ରାଶି ଆଜି ପର୍ଯ୍ୟନ୍ତ ପାଇନଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।



## ପଶ୍ଚିମବଙ୍ଗର ଦାର୍ଜିଲିଂ

ଦାର୍ଜିଲିଂ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଅବସ୍ଥିତ । ଏହାର ସୀମା ବାଂଲାଦେଶ, ଭୂଟାନ ଓ ନେପାଳ ସହିତ ଲାଗିଛି । ଏହା ସମୁଦ୍ର ପତ୍ତନରୁ ୨୧୩୪ ମିଟର ଉଚ୍ଚରେ ସ୍ଥିତ ଓ ବିଭିନ୍ନ ବୌଦ୍ଧ ମଠ ଓ ହିମାଳୟର ପାହାଡ଼ ଦ୍ୱାରା ପରିବେଷ୍ଟିତ । ଏହା ଏକ ପ୍ରସିଦ୍ଧ ହିଲଷ୍ଟେସନ୍ । ଦାର୍ଜିଲିଂ କେବଳ ଚା ପାଇଁ ପ୍ରସିଦ୍ଧ ତା ନୁହେଁ ଏହାର ସୌନ୍ଦର୍ଯ୍ୟତା ପାଇଁ ଏହି ସହର ପୂରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଠାରେ ରହୁଥିବା ଅଧିକାଂଶ ନିବାସୀ ବୌଦ୍ଧ ଅଟନ୍ତି ଓ ପ୍ରାୟତଃ ନେପାଳୀ ଓ ବଙ୍ଗାଳୀ ଭାଷା କୁହାଯାଏ । ଭ୍ରମଣ ପାଇଁ ଏହା ଯେତେ ପ୍ରସିଦ୍ଧ, ସପିଙ୍ଗ୍ ପାଇଁ ମଧ୍ୟ ସେଠାରେ ଭଲ ବିକଳ୍ପ ରହିଛି । ଦାର୍ଜିଲିଂର ଉତ୍ପତ୍ତି ଦୁଇଟି ତିବ୍ବତୀ ଶବ୍ଦରୁ ହୋଇଛି ଯଥା- ଦୋରଜେ ଓ ଲିଙ୍ଗ । ଦୋରଜେର ଅର୍ଥ ବଜ୍ର ଓ ଲିଙ୍ଗର ଅର୍ଥ କ୍ଷେତ୍ର ବା ସ୍ଥାନ । ସେଥିପାଇଁ ଦାର୍ଜିଲିଂ ତେଜ ବଜ୍ରପାତ ଓ ବିଜୁଳି ପାଇଁ ମଧ୍ୟ ପ୍ରସିଦ୍ଧ । ସେଠାରେ ଥିବା ରୋପୱେ , ସିଆର ସବୁଠାରୁ ବଡ଼ ରୋପୱେ । ଟୟ ଟ୍ରେନର ସୁବିଧା ସେଠାରେ ରହିଛି ଓ ଏହା ଧିମା ଗତିରେ ଚାଲେ, କାରଣ ପର୍ଯ୍ୟଟକମାନେ ଭଲ ଭାବରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ସେଠାରେ ଥିବା ଟାଇଗର ହିଲରୁ ଆପଣ କଞ୍ଚନଜଙ୍ଘା ପର୍ବତର ଶୀର୍ଷରୁ ସୁର୍ଯ୍ୟୋଦୟର ବିସ୍ମୟକର ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ସହିତ ବରଫର ବଦଳୁଥିବା ରଙ୍ଗ ମଧ୍ୟ ଆପଣ ଉପଭୋଗ କରିପାରିବେ । ଆପଣ ଦାର୍ଜିଲିଂରୁ ସ୍ଥାନୀୟ ହସ୍ତ କଳା, ବିଭିନ୍ନ ସଂସ୍କୃତିର ପୋଷାକ, ବୌଦ୍ଧ କଳାକୃତି ଓ ତିବ୍ବତୀ କର୍ଲିନ୍ ଇତ୍ୟାଦି କିଣିପାରିବେ । ଏହା ବ୍ୟତୀତ ଦାର୍ଜିଲିଂର ଚା ଓ ହିମାଳୟନ ମହୁ ମଧ୍ୟ ପ୍ରସିଦ୍ଧ । ଦାର୍ଜିଲିଂରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।



ସେଥିପାଇଁ ଅତିକମରେ ପାଞ୍ଚ ଦିନର ଏକ ଟୁରର ଯୋଜନା ପ୍ରସ୍ତୁତ କରିବା ଉଚିତ । ପ୍ରଥମ ଦିନରେ ଗାଇଡ୍ ଆପଣଙ୍କୁ ମିରିକ୍, ପଶୁପତିନଗର ବା ନେପାଳର ସୀମା ଦେଖାଇବେ । ତୃତୀୟଦିନରେ ୭ଟି ପଏଣ୍ଟର ଦେଖାଇବେ । ଏହି ସମୟରେ ହିମାଳୟନ ପର୍ବତାରୋହଣ ସଂସ୍ଥାନ ଓ ପ୍ରାଣୀ ଉଦ୍ୟାନ, ରୋପେୱେ, ତେନଜିଙ୍ଗ ରକ୍ ରରକ୍, ରୟାବିଲା ଇତ୍ୟାଦି ଅନେକ ସ୍ଥାନ ଦେଖାଇବେ । ଚତୁର୍ଥ ଦିନରେ ପାଞ୍ଚଟି ପଏଣ୍ଟ ବୁଲେଇବା ସହିତ ଜାପାନୀ ମନ୍ଦିର, ଲାଲ କୋଠୀ, ଅବା ଆର୍ଟ ଗ୍ୟାଲେରୀ, ଧୀରଧାମ ମନ୍ଦିର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଇତ୍ୟାଦି ଦେଖାଇବେ । ଶେଷ ଦିନରେ ରକ୍ ଗାର୍ଡ଼େନ , ଗଙ୍ଗାମାୟା ପାର୍କ ଇତ୍ୟାଦିର ଟୁର୍ କରାଇଥାନ୍ତି ।



### କିପରି ଯିବେ :

ଦାର୍ଜିଲିଂର ନିକଟତମ ଏୟାରପୋର୍ଟ ହେଉଛି ବାଗଡୋଗରା । ଯାହା ଦାର୍ଜିଲିଂ ଠାରୁ ୮୮କିମି ଦୂର ଏୟାରପୋର୍ଟରୁ ତିନି ଘଣ୍ଟାର ଯାତ୍ରା ପରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ଏହି ଏୟାରପୋର୍ଟ ଦେଶର ମେଟ୍ରୋ ସହରର ଏୟାରପୋର୍ଟ ସହିତ ଯୋଡ଼ା ଯାଇଛି । ନ୍ୟୁ ଜଲପାଇଗୁଡ଼ି ଏହାର ନିକଟତମ ରେଲୱେଷ୍ଟେସନ ଓ ଦାର୍ଜିଲିଂରୁ ଏହା ୮୮ କିମି ମଧ୍ୟ ଦୂର । ଏହି ରେଲୱେ ଷ୍ଟେସନ ସବୁ ପ୍ରମୁଖ ସହର ସହିତ ଯୋଗାଯୋଗ ରହିଛି । ସେ ଠାରୁ ଅଢ଼େଇ ବା ତିନିଘଣ୍ଟା ମଧ୍ୟରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କ ପଥରେ ମଧ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କପଥରେ ମଧ ଦାର୍ଜିଲିଂରେ ପହଞ୍ଚିବାର ସୁବିଧା ରହିଛି ।

### କେବେ ଯିବେ:

ଦାର୍ଜିଲିଂ ବୁଲିବାକୁ ଚାହୁଁଥିଲେ ଆପଣ ବୈଶାଖରେ ଏପ୍ରିଲରୁ ଜୁନ୍, ମୌସୁମୀରେ ଜୁଲାଇକୁ ସେପ୍ଟମ୍ବର ଓ ଶୀତରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ଆସିପାରିବେ । ଏହି ସବୁ ମାସରେ ଦାର୍ଜିଲିଂର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିବେ ।

## ନିଦରୁ ଉଠାଇବ ମୁଦି



ନିଦ ଭାଙ୍ଗିବା ନଦିମନ୍ତେ ଏବେ ବିଭିନ୍ନ ପ୍ରକାର ଆଧୁନିକ ଜ୍ଞାନ କୌଶଳ ବାହାରିଲାଣି । ହାଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଏହି ସୁନ୍ଦର ନିଦ ଭାଙ୍ଗବା ମୁଦି ତିଆରି କରିଥିବାର ଜଣାପଡ଼ିଛି । ଆମେରିକାର କେତେକ ଗହଣା ଦୋକାନରେ ଏହି ଆଲାମ ମୁଦି ବିକ୍ରି ହେବା ଆରମ୍ଭ ହୋଇଛି । ମୁଦିଟି ଆଲାର୍ମ ଦିଆହୋଇଥିବା ନିର୍ଦ୍ଦିଷ୍ଟ ସମୟରେ ଆଙ୍ଗୁଳି ଜୋର ଥରିଥାଏ । ୧୫ମିନିଟ୍ ଜଣେ ବ୍ୟକ୍ତି ଅନବରତ କଥା ହେବା ପରେ ମୁଦିଟି ଥରିବା ବନ୍ଦ ହୁଏ । ଗବେଷକଙ୍କ ମତରେ, ଏହା କୌଣସି ଶାରୀରିକ କ୍ଷତି ପହଞ୍ଚାଇବ ନାହିଁ । ଅବଶ୍ୟ ହୃଦରୋଗୀମାନେ ଏହି ମୁଦି ନ ପିନ୍ଧିବା ପାଇଁ ପରାମର୍ଶ ଦିଆହୋଇଛି । ଜଣେ ବ୍ୟକ୍ତି ନିଜ ବରାଦ ମୁତାବକ ରୁପା, ସୁନା କିମ୍ବା ପ୍ଲାଟିନମ ଧାତୁରେ ଏହି ମୁଦି ଦୋକାନରୁ କିଣିପାରିବ । ଅଧିକାଂଶ ଲୋକ ସୁନା ଆଲାମ ମୁଦି କିଣୁଛନ୍ତି ।



## ଛାୟାପଥରେ ୨୮ ବିରଳ ନକ୍ଷତ୍ର

ଅନ୍ତରୀକ୍ଷରେ ତାରକାମାନଙ୍କ ସଂରଚନା କ୍ଷେତ୍ରରେ ନୈନିତାଲସ୍ଥିତ ଆର୍ଯ୍ୟଭଟ୍ଟ ଗବେଷଣା ପ୍ରତିଷ୍ଠାନର ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ଏକ ଦୁର୍ଲ୍ଲଭ ଉପଲବଧି ହାସଲ ହୋଇଛି । ଏମାନଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଆକାଶ ଗଙ୍ଗା । ଛାୟାପଥରେ ଅଠେଇଶଟି ବିରଳ ନକ୍ଷତ୍ର ଆବିଷ୍କୃତ ହୋଇଛି । ଏଗୁଡ଼ିକର ଉଜ୍ଜ୍ୱଳ ଆଲୋକ ସବୁବେଳେ ବଦଳୁଛି । ଯାହା ଏହି ତାରକାଗୁଡ଼ିକର ପ୍ରମୁଖ ବିଶେଷତ୍ୱ । ମହାକାଶର 'ଏନଜିଟି ୪୧୪୭' ତାରାପୁଞ୍ଜରେ ଏହି ପରିବର୍ତ୍ତନଶୀଳ ତାରକାଗୁଡ଼ିକ ଠାବ ହୋଇଥିବା ପ୍ରକାଶ । ଏହି ଆବିଷ୍କାର ଦ୍ୱାରା ତାରାପୁଞ୍ଜର ସଂରଚନା ଏବଂ ଅଧିକ ନୂଆ ତଥ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଗବେଷକ ଜ୍ୟୋତିର୍ବିଜ୍ଞାନୀ ମାନେ କହିଛନ୍ତି ।

## ବିଶ୍ୱର ସବୁଠାରୁ ଟାଣୁଆ ଅଠା




ଜର୍ମାନ୍ ଉଦ୍ୟୋଗ 'ଡେଲୋ'ର ବିଶେଷଜ୍ଞମାନେ ବିଶ୍ୱର ସବୁଠାରୁ ଟାଣୁଆ ଅଠା ତିଆରି କରିଛନ୍ତି । ଏହା ଟାଣୁଆ ଅଠା ତିଆରି କରିଛନ୍ତି । ଏହା ମାଧ୍ୟମରେ ସତର ଟନ୍ ଓଜନର ଟ୍ରକ୍ ଶୂନ୍ୟରେ ଝୁଲିପାରିଛି । 'ଗିନିଜ ବୁକ' କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଠା ବ୍ୟବହାର କରି ଏକ କ୍ରେନ୍ ସାହାଯ୍ୟରେ ଟ୍ରକ୍‌ଟିକୁ ସାହାଯ୍ୟରେ ଝୁଲାଯାଇଥିଲା । କ୍ରେନରୁ ଝୁଲୁଥିବା ମୋଟା ତାରଗୁଡ଼ିକ ଅଠା ଦ୍ୱାରା ଟ୍ରକ୍ ସହ ସଂଯୁକ୍ତ । ଏଥିପାଇଁ ଲାଗିଥିଲା ମାତ୍ର ତିନି ଗ୍ରାମ ଓଜନର ଅଠା 'ଗିନିଜ ବୁକ୍' ପକ୍ଷରୁ ଏହାକୁ ଏକ ରେକର୍ଡର ମାନ୍ୟତା ଦିଆଯାଇଛି ଏହି ଚମତ୍କାରୀ ଅଠାକୁ 'ଡୋଲେ ମୋନୋପକସ' ଭାବେ ନାମିତ କରାଯାଇଛି । 'ଇପୋକସି ରେଜିନ' ଏହି ଅଠାର ମୁଖ୍ୟ ଉପାଦାନ । ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହୋଇଛି । ଏହାକୁ ନିକଟ ଭବିଷ୍ୟତରେ ମୋଟର ଯାନ ତିଆରି ଶିଳ୍ପରେ ବ୍ୟବହାର କରାଯିବା ଏଥିପାଇଁ ଆବଶ୍ୟକୀୟ ପରୀକ୍ଷା - ନିରୀକ୍ଷା ସରିଛି ।

## ମିଠା ବିସ୍କୁଟଠାରୁ ଦୂରେଇ ରୁହନ୍ତୁ

ଆଜିକାଲି ବଜାରରେ ବିଭିନ୍ନ ନାମୀ କମ୍ପାନୀର ଭିନ୍ନଭିନ୍ନ ସ୍ୱାଦର ବିସ୍କୁଟମାନ ଉପଲବ୍ଧ ହେଉଛି । ଲୁଣି, ମିଠା, ଖଟା-ମିଠା, ସାମାନ୍ୟ ଭାଗ ସ୍ୱାଦର ବିସ୍କୁଟ ବଜାରରେ ମିଳୁଛି । ଏ ଦିଗରେ ଖାଦ୍ୟ ବିଶେଷଜ୍ଞଙ୍କ ମତ ହେଉଛି ମିଠା ସୁଆଦର ବିସ୍କୁଟ ସ୍ୱାସ୍ଥ୍ୟ ଖୁବ୍ କ୍ଷତିକାରକ । ଦିନକୁ ୫-୬ ଟିରୁ ଅଧିକ ମିଠା ବିସ୍କୁଟ ଖାଇବା ହାନିକାରକ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ମିଠା ବିସ୍କୁଟରେ ଥିବା ଟ୍ରାନ୍ସଫ୍ୟାଟ୍ ଆମ ସ୍ମୃତିଶକ୍ତି ପ୍ରଭାବିତ ହୋଇଥାଏ ନିୟମିତ ଭାବେ ଏଇ ବିସ୍କୁଟ୍ ଖାଉଥିଲେ ଏ ଅଭ୍ୟାସକୁ ବନ୍ଦ କରନ୍ତୁ । ଅଧିକ ମିଠା ବିସ୍କୁଟ ଏହା ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ । ବୋଲି ବିଶେଷଜ୍ଞଙ୍କ ମତ । ଶରୀରର ପୋଷକତ୍ତ୍ୱ ମଧ୍ୟ ଏହା କାରଣରୁ ପ୍ରଭାବିତ ହୋଇଥାଏ । ଏଇ ବିସ୍କୁଟରେ ଥିବା ଫ୍ୟାଟ୍ସ କାରଣରୁ ଶରୀରର ମେଦ ମଧ୍ୟ ବଢ଼େ । ହୃଦରୋଗୀମାନେ ମିଠା ବିସ୍କୁଟ୍ ନଖାଇବା ଭଲ ।



## ସପୁରିରେ ସୌନ୍ଦର୍ଯ୍ୟଚର୍ଚ୍ଚା



**ସପୁରି ଫଳଟି ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ, ଏହା ଆମ ସୌନ୍ଦର୍ଯ୍ୟ ରକ୍ଷା ଦିଗରେ ସହାୟକ ହୋଇଥାଏ । ନିୟମିତ ଭାବେ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କଲେ ବହୁ ସୁଫଳ ମିଳିଥାଏ ।**

- ସପୁରି ରସ ଏକ ଉତ୍ତମ କ୍ଲିନଜର ପରି କାମ କରେ ଦୈନିକ ଏଇ ରସକୁ ତୁଳାରେ ତ୍ୱଚାକୁ ପୋଛିଲେ ବ୍ରଣ ଦାଗ ଶୀଘ୍ର ଦୂର ହୋଇଥାଏ ।
- ବେସନ ଅଧ ଚାମଚରେ ସପୁରୀ ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ଶୁଖିବା ପରେ ଧୋଇନେବେ । ଏଇ ପ୍ୟାକ୍ ରଙ୍ଗ ସଫା ହେବାରେ ସହାୟକ ।
- ସୁସ୍ଥ ତ୍ୱଚା ପାଇଁ ଆବଶ୍ୟକ କୋଲେଜନ ସପୁରିରେ ପ୍ରଚୁର ପରିମାଣରେ ଥାଏ । ଏଣୁ ଏହାକୁ ତ୍ୱଚାରେ ଲଗାଇବା ସହ ପିଇବା ମଧ୍ୟ ହିତକାରୀ ।
- ବ୍ରଣ ସମସ୍ୟାରୁ ମୁକ୍ତି ପାଇବା ନିମନ୍ତେ ଚିମୁଟାଏ ହଳଦୀରେ ସପୁରୀ ରସ ମିଶାଇ ତାହାକୁ ଲଗାନ୍ତୁ ୧ ସପ୍ତାହ ମଧ୍ୟରେ ବ୍ରଣ କମ ହୋଇଯିବ ।
- ଓଠର କଳାଦାଗ ଦୂର କରିବାକୁ ଚାହୁଁଥିଲେ, ନିୟମିତ ସପୁରି ରସ ଲଗାଇଲେ ତାହାର ପ୍ରଭାବ ୧ମାସ ମଧ୍ୟରେ ଜାଣିପାରିବେ ।




# ଡେନିମ୍ ଜ୍ୟାକେଟ

**ଡେନିମ୍ ଜ୍ୟାକେଟକୁ ମହିଳାମାନେ ସାଧାରଣତଃ ଥଣ୍ଡା ଦିନରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହି ଜ୍ୟାକେଟକୁ କୌଣସି ଋତୁରେ ମଧ୍ୟ ଆପଣ ପିନ୍ଧିପାରିବେ । କାରଣ ଏହା ଆପଣଙ୍କୁ ପ୍ରତ୍ୟେକ ଷ୍ଟାଇଲ ସହିତ ମ୍ୟାଚ୍ କରି ଷ୍ଟାଇଲିସ୍ ଲୁକ୍ ଦେବ ।**



### ଡେନିମ୍ ସହିତ ଡେନିମ୍ :

କ୍ଲାସିକ୍ ଡେନିମ ଜ୍ୟାକେଟକୁ ଆପଣ ବଡ଼ି ହରିଙ୍ଗ୍ ଟପ୍ ଓ ମ୍ୟାଚିଙ୍ଗ୍ କଲରର ଡେନିମ ଜିନ୍ସ ସହିତ ପିନ୍ଧି ପାରିବେ । ଏହା ଆପଣଙ୍କ ଫିଗରକୁ ସୁନ୍ଦର ଲାଗିବ । ଯଦି ଆପଣଙ୍କ ଉଚ୍ଚତା କମ ଥାଏ ତେବେ ଏହି ଲୁକକୁ ହାଇହିଲସ ବା ହିଲସ ଥିବା ବୁଟ୍ ସହିତ ପିନ୍ଧନ୍ତୁ, ଏଥିରେ ଆପଣଙ୍କ ଉଚ୍ଚତା ଲମ୍ବା ଦେଖାଯିବ ।



### ସ୍କର୍ଟ ସହିତ ଡେନିମ୍:

ସର୍ଟ ପ୍ଲଟସବାଲା ସ୍କର୍ଟ ବା ଡେନିମ୍ ସ୍କର୍ଟ ପ୍ଲିଟସବାଲା ସ୍କର୍ଟ ବା ଟେନିମ୍ ସ୍କର୍ଟ ପିନ୍ଧନ୍ତୁ, ଏହା ସହିତ କଳା, ଧଳା ବା ଆପଣଙ୍କର କୌଣସି ପସନ୍ଦିତା ରଙ୍ଗର ଟପ୍ ପିନ୍ଧନ୍ତୁ । ଧ୍ୟାନ ରଖିବେ, ଆପଣଙ୍କ ଟପ୍ ଅଧିକ ଫ୍ରିଲବାଲା ଯେପରି ହୋଇ ନଥିବ ନ ହେଲେ ଏହି ଜ୍ୟାକେଟ୍ ସହିତ ଲୁକ୍ ଭଲ ଦେଖାଯିବ ନାହିଁ । ଏହି ଲୁକ୍ ସହିତ କାଜୁଆଲ ବୁଟ୍ସ ବା ସ୍ନିକରର୍ସ ପିନ୍ଧନ୍ତୁ ।

### ଓଭର ସାଇଜ ଜ୍ୟାକେଟ୍ ସହିତ ଡେନିମ :

ଡେନିମର ଷହନିମର୍ ଓଭର ସାଇଜ ଜ୍ୟାକେଟ୍ ଆପଣଙ୍କୁ ଭିତରେ କୌଣସି ପ୍ରକାରର ଟପ୍ ବା ଲେୟର ପିନ୍ଧିବାକୁ ଅପସନ ଦେଉଛି । ଯଦି ଆପଣ ଫ୍ରିଲ ବା ଲେୟର୍ସବାଲା ଟପ୍ ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ତାର ଲୁକ୍‌କୁ ଖରାପ କରିବ ନାହିଁ ।

### ଡ୍ରେସ୍ ସହିତ ଡେନିମ୍:

ଲଙ୍ଗ ଡ୍ରେସ୍ ବା ସର୍ଟ ଡ୍ରେସ୍ ଡେନିମ ଜ୍ୟାକେଟ୍ ଦୁଇଟି ପ୍ରକାରର ଡ୍ରେସ୍ ସହିତ ସୁନ୍ଦର ଲାଗିବ । କିନ୍ତୁ ଏହା ପାର୍ଟି ଡ୍ରେସ୍ ପାଇଁ ନୁହେଁ କାଜୁଆଲ ବା ସମର ଡ୍ରେସ୍ ସହିତ ଡେନିମ ଜ୍ୟାକେଟ୍ ବହୁତ ସୁନ୍ଦର ଦେଖାଯିବ । ଆପଣ ଚାହିଁଲେ ନର୍ମାଲ ବା ସର୍ଟ ଷ୍ଟାଇଲର ଜ୍ୟାକେଟ୍ ମଧ୍ୟ ନେଇ ପାରିବେ ।

## କୁନି ପିଲାଙ୍କ ଉତ୍ସୁକତା

ପରିସ୍ଥିତି ଯେତେ ଗମ୍ଭୀର ଥାଉ ନା କାହିଁକି, ଛୋଟ ପିଲାର ମନଖୋଲା ହସ ଓ ତା ଦରୋଟି କଥାରେ ପୂରା ପରିବେଶ ବଦଳାଇ ହୋଇଥାଏ । ନିକଟରେ ନରଫ୍ଲକ୍ ବିଶ୍ୱବିନ୍ୟାଳୟର ଗବେଷକ ସମୂହ ୨ବର୍ଷରୁ ୬ବର୍ଷ ବୟସର ୧୯ହଜାର ପିଲାଙ୍କୁ ନେଇ ଗବେଷଣା କରିଥିଲେ । ନିର୍ମଳ ହୃଦୟର ଏଇ ପିଲାଏ ଗବେଷକଙ୍କ ସହ ଖୁବ୍ ଶୀଘ୍ର ମିଶିଯାଇଥିଲେ । ଏହି କୁନିପିଲାମାନଙ୍କ ଅଜ୍ଞାତରେ ସେମାନଙ୍କ ଗତିବିଧିକୁ ପାଖାପାଖି ମାସେ ଅନୁଧ୍ୟାନ କରାଗଲା । ୧୧ମାସର ଦୀର୍ଘ ଅନୁଧ୍ୟାନ ପରେ ଗବେଷକ ମୁଖ୍ୟ ପ୍ରକାଶ କରିଛନ୍ତି, ୪ବର୍ଷର ହେବା ପରେ ପିଲାମାନେ ନିଜ ଅଭିଭାବକଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିପକାନ୍ତି । ଏଇ ବୟସର ପିଲାମାନେ ଦିନକୁ ଅତି କମରେ ୪୦୦-୫୦୦ ପ୍ରଶ୍ନ ପଚାରୁଥିବା ବେଳେ ଯଥୋଚିତ ଉତ୍ତର ନ ଶୁଣିବା ପର୍ଯ୍ୟନ୍ତ ସେମାନେ ବାରମ୍ବାର ସେହି ପ୍ରଶ୍ନ ଦୋହରାଇଥାନ୍ତି । ମନସ୍ତତ୍ତ୍ୱବିତଙ୍କ ମତରେ ଏସବୁରେ ସକ୍ରିୟ ରହୁଥିବା । ପିଲାଏ ଭବିଷ୍ୟତରେ ସଫଳ ହୋଇଥିବାର ଦେଖାଯାଏ । ଏଣୁ ପିଲାଙ୍କ ଅଧିକ କିମ୍ବା ଅଯଥା ପ୍ରଶ୍ନରେ ବ୍ୟତିବ୍ୟସ୍ତ କିମ୍ବା ଚିଡ଼ଚିଡ଼ି ନ ହୋଇ ବରଂ ଧୈର୍ଯ୍ୟର ସହ ସେସବୁର ଉତ୍ତର ଦେବାର ଅଭ୍ୟାସ କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଶା ଜନ୍ମାଉଛି ଟିକା...

କରୋନା ସଂକ୍ରମଣ ପାଇଁ ତମାମ୍ ବିଶ୍ୱବାସୀ ହରକତ୍ ଭିତରେ ଥିବାବେଳେ ସମ୍ଭାବ୍ୟ ଦ୍ୱିତୀୟ ଲହର ସମସ୍ତଙ୍କର ଚିନ୍ତାକୁ ବଢ଼ାଇଦେଇଛି । ଯେହେତୁ କରୋନା ମହାମାରୀ ନେଇ କାହାରି କିଛି ପୂର୍ବ ଧାରଣା ନାହିଁ, ସଂକ୍ରମଣ ପାଇଁ କିଛି ଠୋସ୍ ପଦକ୍ଷେପ ନିଆଯିବା ମଧ୍ୟ କାଠିକର ପାଠ ହେଉଛି । କୋଭିଡ-୧୯ର ପୃଷ୍ଠଭୂମି ଯେମିତି ଅଜଣା, ସେମିତି କଷ୍ଟକର ତାହାର ପ୍ରତିଷେଧକ ରାସ୍ତା ଖୋଜା । କେହି କେହି ପ୍ରତିଷେଧକ ଟିକା ବାହାର ହେବା ନେଇ ଆକଳନ ପ୍ରକାଶ କରୁଛନ୍ତି । ମାର୍ଚ୍ଚ ମାସ ମଧ୍ୟଭାଗରେ ଆମ ଦେଶରେ ଭୂତାଣୁ ସଂକ୍ରମଣ ଆରମ୍ଭ ସମୟରେ ଦିଆଯାଉଥିବା ସତର୍କବାଣୀକୁ ଅନେକେ ହାଲୁକା ଭାବେ ଗ୍ରହଣ କରୁଥିଲେ । ମାତ୍ର ପରେ ପରେ ସଂକ୍ରମଣର ଭୟାବହତା ଏତେ ବେଶୀ ହେଲା, ଯାହା ମାନବ ଜାତି ପାଇଁ ପ୍ରଚଣ୍ଡ ଘାତକ ସାଜିଲା । ଚୀନ୍‌ର ଉହାନ୍ ପ୍ରଦେଶର ଲାବଟେରିରୁ ବାହାରିଥିବା ଜୈବିକ ଭୂତାଣୁ ପୂରା ପୃଥିବୀକୁ ଗ୍ରାସ କରିଦେଲା । ଗୋଟିଏ ପଟେ ସଂକ୍ରମଣର ଦ୍ୱିତୀୟ ଲହର ଆଶଙ୍କା ସମସ୍ତଙ୍କୁ ଘୋର ଚିନ୍ତାରେ ପକାଇ ଦେଇଛି, ଅନ୍ୟ ପକ୍ଷରେ ପ୍ରତିଷେଧକ ଟିକାର ବିଭିନ୍ନ ପର୍ଯ୍ୟାୟ ପରୀକ୍ଷାରେ ଆଶାଜନକ ଅଗ୍ରଗତି ଦେଖାଦେଇଛି । ସାରା ବିଶ୍ୱ ଚାହିଁ ରହିଛି, କିଭଳି ଓ କେତେ ଶୀଘ୍ର ଟିକା ବିକାଶ ପ୍ରକ୍ରିୟା ଫଳବଦୀ ହେବ । ଆଉ କେତେ ମାସ ଟିକା ପାଇଁ ଅପେକ୍ଷା କରିବାକୁ ହେବ, ତାହା ନେଇ ଚାଲିଛି ଅଙ୍କକଷା । ପ୍ରଥମ ପର୍ଯ୍ୟାୟରେ କୋଭିଡ ଯୋଦ୍ଧାମାନଙ୍କ ଠାରେ ପ୍ରୟୋଗ କରାଯିବ । ଏହା ସହିତ ପ୍ରୟୋଗ ପରେ ଯଦି ସୁଫଳ ମିଳିଲା, ତାହାର ସାର୍ବଜନୀନ ପ୍ରୟୋଗ ପାଇଁ ବାଟ ଫିଟିଯିବ ବୋଲି ଆଶା କରାଯାଇପାରେ ।

ଆମ ଦେଶ କେବଳ ନୁହେଁ, ବିଶ୍ୱର ବିଭିନ୍ନ ଦେଶରେ ବସନ୍ତ, ମିଳିମିଳା, ହେପାଟାଇଟିସ୍ ଭଳି ପ୍ରାଣନାଶକାରୀ ବ୍ୟାଧିର ନିରାକରଣ ଲାଗି ବ୍ୟାପକ ଗବେଷଣା ପରେ ଟିକା ବିକଶିତ ହେଲା । ମହାମାରୀ ରୂପ ନେଇ ଜନକ୍ଷୟ ହେବା ପରେ ଦଶନ୍ଧି ବ୍ୟାପୀ ଗବେଷଣା କରାଯାଇ ଟିକା ବାହାର କରାଯାଇଥିଲା । ଲକ୍ଷ ଲକ୍ଷ ମହିଳା-ପୁରୁଷଙ୍କ ମୃତ୍ୟୁର କାରଣ ହୋଇଥିବା ସେହି ସବୁ ବ୍ୟାଧିର ମୂଳପୋଛ ପାଇଁ ସମ୍ପୃକ୍ତ ଟିକା ବ୍ୟବହାର ହେଲା । ଏବେ ବସନ୍ତ, ହାଡ଼ଫୁଟି ଭଳି ସଂକ୍ରମଣ ବ୍ୟାଧିର ପ୍ରାୟ ଚିହ୍ନବର୍ଣ୍ଣ ନାହିଁ କହିଲେ ଚଳେ । ଏହି କରୋନା ଭୂତାଣୁ ଏକ ପକ୍ଷରେ ଅଦୃଶ୍ୟ, ଅନ୍ୟପକ୍ଷରେ ରକ୍ତଚାପ ଓ ଶର୍କରା ବ୍ୟାଧି ଭୋଗୁଥିବା ବ୍ୟକ୍ତିଙ୍କର ସମସ୍ୟା ବଢ଼ାଇଦେବାରେ ଘଟକ ସାଜିଥାଏ ଏବଂ ତେଣୁ ତାକୁ ମୃତ୍ୟୁର କାରଣ ହେଉଥିବାର ପ୍ରମାଣିତ ହୋଇଛି । ବୟସ୍କ ଓ ଶିଶୁ ମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ଊଣାଥିବା ହେତୁ ଭୂତାଣୁ ସଂକ୍ରମଣର ଆଶଙ୍କା ସବୁ ସମୟରେ ଥାଏ । ହେଲେ, କରୋନା ଦୁର୍ବଳ ପ୍ରତିରୋଧକ କ୍ଷମତାରେ ଥିବା ବ୍ୟକ୍ତିମାନଙ୍କର ରୋଗକୁ ବହୁଗୁଣିତ କରିଦେଉଛି । ଟାଇଫଏଡ୍, ନିମୋନିଆ ଓ ଶ୍ୱାସରୋଗକୁ କରୋନା ଭୂତାଣୁ ବଢ଼ାଇଦେବାର ନିଧାର୍ଯ୍ୟ କାରଣ ରହୁଛି । ସେହିସବୁ ରୋଗ ପାଇଁ ଚିକିତ୍ସା ଓ ଉପଚାର ରହିଥିଲେ ବି କରୋନା ତାହାକୁ କ୍ଷୀପ୍ରଗତିରେ କାଟି ପକାଏ । ବିଶ୍ୱବାସୀ ଚାହିଁ ରହିଛନ୍ତି ଅକ୍ସଫୋର୍ଡ ଟିକା ଯଥାଶୀଘ୍ର ବଜାରକୁ ଆସିବ । ସେହିଭଳି ମଡର୍ଣ୍ଣ ଟିକାର ମୂଲ୍ୟ ୨୭୪୦ ଟଙ୍କା ହେବ ବୋଲି ଏକ ସୂତ୍ରରୁ ସୂଚିତ ହୋଇଛି । ଆସନ୍ତା ବର୍ଷ ଜୁନ୍ କୋଭାକ୍ସିନ୍ ଟିକା ମିଳିଯିବ ବୋଲି ଏକ ସୂତ୍ର କହୁଥିବାବେଳେ ସମ୍ଭାବ୍ୟ ଟିକା ୬୦% ଫଳପ୍ରଦ ବୋଲି ମଧ୍ୟ କୁହାଯାଉଛି । ଭାରତ ବାୟୋଟେକ୍ ଦ୍ୱାରା ବିକଶିତ ଠାରୁ ଆରମ୍ଭ କରି ଫାଇଜର୍ ଦ୍ୱାରା ପ୍ରସ୍ତୁତ ଟିକା କେତେ ଫଳପ୍ରଦ ହେବ, ତାହା ନେଇ ଅଙ୍କ କଷା ଚାଲିଛି । ସେଥିରେ କିଛି ଅସ୍ୱାଭାବିକତା ନାହିଁ । କିନ୍ତୁ ମାନବଜାତି ତଥା ସଭ୍ୟତା ପାଇଁ ଜୀବନ ମରଣରର ପ୍ରଶ୍ନ ଛିଡ଼ା କରିଥିବା କରୋନା ମହାମାରୀ ଉପରେ ଶକ୍ତ ପ୍ରହାର ଦେବା ପାଇଁ ସାମାଜିକ ଦୂରତ୍ୱ, ହସ୍ତ ପ୍ରକ୍ଷାଳନ, ମାସ୍କ ପରିଧାନ ଭଳି ଉପଚାର ଫଳପ୍ରଦ ହେଉଥିଲେ ମଧ୍ୟ ଟିକାର ବିକାଶ ଓ ପ୍ରୟୋଗକୁ ସମସ୍ତେ ଚାହିଁ ରହିଥିବା ସ୍ୱାଭାବିକ୍ । ଟିକା ବାହାରିବା ଯେତିକି ଜରୁରି, ତା'ଠାରୁ ଅଧିକ ଆବଶ୍ୟକତା କରୋନା ମହାମାରୀର ଦ୍ୱିତୀୟ ଲହରକୁ ମୁକାବିଲା କରିବା । ପଶ୍ଚିମ ଦେଶମାନଙ୍କରେ ଏହାର ପ୍ରଭାବ ଏବେ ଭୀଷଣ ମାତ୍ରାରେ ଅନୁଭୂତ ହେଲାଣି । ଭାରତରେ ଏବେ ଶୀତଋତୁ ଆସିଛି । ଶୀତରେ ଭୂତାଣୁ ସଂକ୍ରମଣର ପ୍ରକୋପ ସର୍ବାଧିକ ବୋଲି ଚିକିତ୍ସାବିଜ୍ଞାନୀମାନେ ଚେତାବନୀ ଶୁଣାଇ ସାରିଛନ୍ତି । ତେଣୁ ମାସ୍କ ପରିଧାନ, ହାତଧୁଆ, ସାମାଜିକ ଦୂରତା ରକ୍ଷା ଏବଂ ସରକାରୀ ଗାଇଡଲାଇନକୁ ବିଧିବନ୍ଧ ଭାବେ ପାଳନ କରିବା ଦିଗରେ ସମସ୍ତେ ଆନ୍ତରିକତା ପ୍ରଦର୍ଶନ କରିବା ସମୀଚୀନ ହେବ ।

## କବିତା କୋଣାର୍କ

### ଅକଲ ମକଲ ଟକଲ ଟିଆ...

ହରେରାମ ପଣ୍ଡା

ଅକଲ ମକଲ ଟକଲ ଟିଆ,
ଅଳସୁଆ ପଣ ଭାରି ଅଡୁଆ ।।
ଅଳସୁଆ ପଣ ଛାଡ଼ିଲେ ଯାଇ,
ଜୀବନରେ ବଡ଼ ପାରିବ ହୋଇ
କାଇଞ୍ଚି କାକୁଡ଼ି ନଳିତା ପିତା,
ଅସନା ପାଇଁକି ରୋଗ ସାଇତା ।।
ଦେହ, ହାତ, ମୁହଁ, ସ୍ୱଚ୍ଛ ରଖିଲେ,
ରୋଗ ଆସିବନି ପାଖୁ ପିଲେ !
ଚଇତ ମାସରେ ଫୁଟଇ ମଲ୍ଲି,
ମନେରଖ ଏକ କଥା ଅସଲି ।।
ପିତା, ମାତା, ଗୁରୁ ପୂଜ୍ୟ ତୁମର,
ତାଙ୍କ ପାଦେ ନିତି ପ୍ରଣାମ କର ।।
କୋଇଲି ରାବଇ ଆମ୍ବ ଡାଳରେ,
ଗଛ ଲଗାଇବା ଆସରେ ପିଲେ !
ଫୁଲ, ଫଳେ ଧରା ହସିଉଠିବ,
ପ୍ରଦୂଷଣ ମୁକ୍ତ ପୃଥିବୀ ହେବ ।।
ବଉଳ ଗଛର ବହଳ ଛାଇ,
ଆମେ ତ ସଭିଏଁ ଭଉଣୀ ଭାଇ ।।
ଗୋଟିଏ ଦେଶରେ ଜନମ ହୋଇ,
ଭେଦଭାବ ଆମେ ରଖିବା ନାହିଁ ।।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଦା କାଟିଆ ଛକ,
ଯାଜପୁର ।
ମୋ:୯୪୩୮୦୬୫୧୯୫

# ବଡ଼ଓଷା

ବିଦ୍ୟୁତ ଲତା ପଣ୍ଡା





ଭଗବାନ ଧବଳେଶ୍ୱରଙ୍କର ପ୍ରିୟ ଏହି ବଡ଼ଓଷା କାର୍ତ୍ତିକ ମାସ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହୁଏ । ଏହି ବ୍ରତ ଅନ୍ୟବ୍ରତଠାରୁ କଠିନ ଏବଂ ଆଚାର ପୂର୍ଣ୍ଣ । ଭଗବାନ ଶିବଙ୍କର ବହୁ ପୀଠ ଖ୍ୟାତି ସମ୍ପନ୍ନ ହୋଇଥିବା ପରି ଧବଳେଶ୍ୱର ପୀଠ ମଧ ବହୁ ଖ୍ୟାତି ସମ୍ପନ୍ନ । ପ୍ରାୟତଃ ସମସ୍ତ ଶୈବପୀଠରେ ଭଗବାନ ଶିବଙ୍କ ଲିଙ୍ଗର ମୁଖ ପୂର୍ବଦିଗକୁ ଥିବା ବେଳେ ଧବଳେଶ୍ୱରଙ୍କର ମୁଖ ପଶ୍ଚିମକୁ ହୋଇଛି । ଭଗବାନ ଶିବ ଏକ କଳା ଗାଇକୁ ଧଳା କରି ଦେଇଥିବାରୁ ତାଙ୍କର ନାମ ଧବଳେଶ୍ୱର ହୋଇଥିବାର ଜନଶ୍ରୁତି ଅଛି । ଧବଳେଶ୍ୱରଙ୍କର ଭୌଗଳିକ ଅବସ୍ଥିତି ହେଉଛି ନଦୀ ମଧ୍ୟସ୍ଥ ଏକ କ୍ଷୁଦ୍ରପର୍ବତ ପଠା ମଧରେ ଯାହାକି ଏକ ବିରଳ ଭୂମି । ଆମ ରାଜ୍ୟପରି ଉତ୍ତର ପ୍ରଦେଶ ଏବଂ ଆନ୍ଧ୍ରରାଜ୍ୟମାନଙ୍କରେ ଏହି ଓଷାର ପ୍ରଭାବ ଅଧିକ ଥିବା ଜଣାଯାଏ । ଆମ ରାଜ୍ୟରେ କଟକ ସହରର ଉତ୍ତର ପଶ୍ଚିମକୁ ଚୌଦ୍ୱାରର ପଶ୍ଚିମ ଦକ୍ଷିଣ ଦିଗରେ ମହାନଦୀ ମଧ୍ୟରେ ପ୍ରଭୁ ଧବଳେଶ୍ୱରଙ୍କର ମନ୍ଦିର ଧବଳଗିରିରେ ସ୍ଥାପିତ ।

ବଡ଼ଓଷା କଥା ଉଲ୍ଲେଖରୁ ଜଣାଯାଏ ଯେ,ଓଡ଼ିଶାର ଜଣେ ଧାର୍ମିକ ରାଜା କ୍ରତୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରି ବ୍ରାହ୍ମଣମାନଙ୍କୁ ଧର୍ମାର୍ଥ ନିମିତ୍ତ ଅଶେଷଦାନ ଏବଂ ଦକ୍ଷିଣା ପ୍ରଦାନ କରୁଥିଲେ । ରାଜା କ୍ରତୁ ଏକଦା ମୃଗୟା କାଳରେ ଏକ ମନ୍ଦିରରେ ଅବସ୍ଥାନ କଲେ । ସେହି ସମୟରେ ନାଗପୁରର ରାଜକନ୍ୟା ହରପ୍ରିୟା ଶିବ ଉପାସନା କରୁଥିଲେ । ଦୁଇ ଜଣଙ୍କ ମଧରେ ସମ୍ପର୍କ ସ୍ଥାପନ ହେବାରୁ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇ ରାଜକର୍ମ ଠାରୁ ଦୂରେଇ ଗଲେ । ସେହି ସମୟରେ ଜଣେ ସନ୍ୟାସୀ ଏକ କେତକୀମାଳ ନେଇ ଶିବଙ୍କ ଉପାସନା ଉଦ୍ଦେଶ୍ୟରେ ଯାଉଥିବାର ଦେଖି ରାଜା ତାଙ୍କଠାରୁ ସେହି ମାଳାକୁ ନେଇ ରାଣୀଙ୍କ ଗଳାରେ ଝୁଲାଇ ଦେଲେ। ଏହା ଦ୍ୱାରା ଶିବ କ୍ରୋଧାନ୍ୱିତ ହୋଇ ରାଜାଙ୍କୁ ରାଜ୍ୟରୁ ବିତାଡ଼ିତ କରିବା ସହିତ ଧବଳକୁଷ୍ଠ କରିଦେଲେ । ରୋଗର ଯନ୍ତ୍ରଣାରେ ରାଜାଙ୍କ ଜୀବନ ଦୁଃସହ ହୋଇପଡ଼ିଲା । ରାଣୀ ବ୍ୟଥିତ ହୋଇ ଜଣେ ସାଧୁଙ୍କ ପରାମର୍ଶ କ୍ରମେ ବଡ଼ଓଷା ବ୍ରତ ପାଳନ କରିବାରୁ ରାଜା ପାପମୁକ୍ତ ହୋଇ କୁଷ୍ଠରୋଗରୁ ମୁକ୍ତି ପାଇବା ସହ ରାଜ୍ୟ ଓ ସନ୍ତାନ ପ୍ରାପ୍ତ ହୋଇ ସୁଖରେ କାଳ ଯାପନ କଲେ । କାର୍ତ୍ତିକ ତ୍ରୟୋଦଶୀରେ ପ୍ରଭୁ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ପାଳିତ ହୁଏ । ବ୍ରତାଚାରୀମାନେ ହବିଷ୍ୟାନ୍ନ ଭକ୍ଷଣ କରି ଶିବଙ୍କୁ ଉପାସନା କରିଥାନ୍ତି । ପଞ୍ଚୁକ ଅବସରରେ ବଡ଼ଓଷା ସମ୍ପନ୍ନ ହୋଇଥାଏ । ଘରେ ଘରେ ମୁଗ ଚାଉଳ ଚୂନାରେ ମଣ୍ଡାପିଠା କରାଯାଇ ତା ମଧରେ ଗଜମଣ୍ଡା ଲିଙ୍ଗାକୃତି ମଣ୍ଡା କରାଯାଇ ପୂଜା କରା ଯାଇଥାଏ । ଧବଳେଶ୍ୱରଙ୍କର ଏହି ପୂଜା ମଧ ଗ୍ରାମାଞ୍ଚଳକୁ ପ୍ରସାରିତ । ଲିଙ୍ଗାକୃତି ମଣ୍ଡାକୁ ଧବଳେଶ୍ୱର ଠାକୁର ଭାବରେ ବେଲପତ୍ର ଅର୍ପଣ ପୂର୍ବକ ପୂଜା କରାଯାଏ । ଏହି ପୂଜା ଅତ୍ୟନ୍ତ ନିଷ୍ଠାର ସହିତ କରାଯାଏ। ଏହି ମଣ୍ଡପିଠାକୁ ଭୋଗ ଭାବରେ ବଣ୍ଟା ଯାଏ । ଏହି ଓଷା ପାଳନ



କରି ବ୍ରତାଚାରୀ ବହୁ ପୁଣ୍ୟର ଅଧିକାରୀ ହୋଇଥାଏ ।

ଧବଳେଶ୍ୱରଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ବାହ୍ୟ ପରକ୍ରମା କରାଯାଇଥାଏ । ମନ୍ଦିରର ଚାରିପଟରେ ତାଙ୍କୁ କାର୍ତ୍ତିକ,ମାଘ ଓ ବୈଶାଖ ମାସରେ ପରିକ୍ରମଣ କଲାବେଳେ ଗାଈଚରା,ପାଲୁଅ,ବଲ୍ଲଭ ଓ ମାଣ୍ଡୁଅ ଭୋଗ ଲାଗି କରାଯାଇଥାଏ । ଦୈନିକ ନୀତି ବ୍ୟବସ୍ଥା ସହିତ ସନ୍ଧ୍ୟାରେ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥାଏ । ଠାକୁରଙ୍କଠାରେ ନଡ଼ିଆ,ଉଖୁଡ଼ା,କଦଳୀ ପ୍ରଭୃତି ଭୋଗ ଲାଗୁଥିବା ବେଳେ ନଡ଼ିଆ ତେଲର ଦୀପରେ ପ୍ରଭୁ ସନ୍ତୁଷ୍ଟ ହୋଇଥାଆନ୍ତି । ପ୍ରତ୍ୟେକ ସୋମବାର,ଶ୍ରାବଣମାସରେ ଜଳାଧାର,ଶିବରାତ୍ରିରେ ସୁନାବେଶ ଓ ପୁଣ୍ୟ ତିଥିମାନଙ୍କରେ ପ୍ରଭୁଙ୍କର ବିଶେଷ ନୀତିମାନ ସମ୍ପନ୍ନ ହୋଇଥାଏ । ଏଠାରେ ଯଜୁର୍ବେଦୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନାରେ ନିୟୋଜିତ ହୋଇଛନ୍ତି । ପ୍ରଭୁଙ୍କର ଆଶିଷ ପାଇ ବହୁ ଅପୁତ୍ରିକଙ୍କ ସନ୍ତାନ ପ୍ରାପ୍ତି ହୋଇଥିବା ବେଳେ ବହୁ ବ୍ୟାଧିଗ୍ରସ୍ତ ରୋଗରୁ ମୁକ୍ତ ହୋଇଛନ୍ତି । ପ୍ରଭୁଙ୍କର ଏହି ବଡ଼ଓଷା ଓଡ଼ିଶାର ପାରମ୍ପରିକ ରୀତିରେ ପରିଣତ ହୋଇଛି ।

।। ଜୟ ଜଗନ୍ନାଥ ।।

+ ମାଟିଗଡ଼ା, ଔପଦା,
ବାଲେଶ୍ୱର
ମୋ.୯୯୩୮୧୨୨୮୨୬

# ବିସ୍ଫୋରଣ ବନ୍ଦ ନିଷ୍ପତି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ

ପ୍ରଦୀପ୍ତ ଆଚାର୍ଯ୍ୟ



**କରୋନା ପାଇଁ ଲକଡାଉନ ଯୋଗୁ, ଯାନବାହାନ ଚଳାଚଳ କମ ହୋଇଥିବାରୁ, ପରିସ୍ଥିତରେ ସାମାନ୍ୟ ସୁଧାର ଆସିଛି। କିନ୍ତୁ ଭବିଷ୍ୟତରେ ପରିସ୍ଥିତି କଣ ହେବ, ତାହା ସମସ୍ତେ ଜାଣିଥିଲେ ମଧ୍ୟ, କେହି ତାହା ଉପରେ ଗୁରୁତ୍ୱ ଆରୋପ କରୁନାହାନ୍ତି।**

ବାୟୁ ପ୍ରଦୂଷିତ ହେଲେ, କରୋନା ସଂକ୍ରମଣର ଆଧିକ୍ୟତା ଆଶଙ୍କା କରି, ସରକାର ଏବର୍ଷ ବାଣ ବିସ୍ଫୋରଣ ଉପରେ କଟକଣା ଲଗାଇଛନ୍ତି ।ଏହା ଏକ ସାଧୁ ଉଦ୍ୟମ ଏବଂ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।କେବଳ ଚଳିତ ବର୍ଷ ପାଇଁ ନୁହେଁ,ଯଦି ବିସ୍ଫୋରଣ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲଗାଯାଇ ପାରନ୍ତା,ତେବେ ପ୍ରକୃତି ଓ ପରିବେଶ ଉପରେ ବିସ୍ଫୋରଣ ଜନିତ କୁପ୍ରଭାବ ଅନେକାଂଶରେ ହ୍ରାସ ହୋଇପାରନ୍ତା। ଆଶ୍ୱସ୍ତ ହୁଅନ୍ତା ପୃଥିବୀ ମାତା,ରୁଦ୍ଧଶ୍ୱାସରୁ ମୁକ୍ତି ପାଆନ୍ତା ପରିବେଶ। ବିପଦମୁକ୍ତ ହୁଅନ୍ତେ ଧରାପୃଷ୍ଠସ୍ଥ ଜୀବଜଗତ ଓ ବୃକ୍ଷଲତା ।ବିସ୍ଫୋରଣ ଅର୍ଥ ହିଁ ବିପଦ। ତାହା ବାଣ ବିସ୍ଫୋରଣ ହେଉ ବା ପରମାଣୁ ବୋମା ବିସ୍ଫୋରଣ ହେଉ,ତାହା ଜନସଂଖ୍ୟା ବିସ୍ଫୋରଣ ହେଉ,ଶବ୍ଦ ବିସ୍ଫୋରଣ ବା ପାହାଡ ଫଟାଇବା ପାଇଁ ଡିନାମାଇଟ ବିସ୍ଫୋରଣ ହେଉ,ବିସ୍ଫୋରଣ ମାନେ ହିଁ ସୁଦୁରପ୍ରସାରୀ ମରଣକୁ ନିମନ୍ତ୍ରଣ। ମୂଢ ମାନବ କ୍ଷଣିକ ଉତେଜନାର ବଶବର୍ତୀ ହୋଇ,ସାମୟିକ ଆନନ୍ଦ ପ୍ରାପ୍ତିର ଲୋଭକୁ ପରିତ୍ୟାଗ କରି ନପାରି,ଅନ୍ୟକୁ ଜୟକରି, ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ନିମନ୍ତେ,ଯେଉଁ ବିସ୍ଫୋରଣ ସଂଗଠିତ କରୁଛି,ତାର ଭୟାବହ ପରିସ୍ଥିତି ସମ୍ବନ୍ଧରେ ଜ୍ଞାନ ଥିଲେ ମଧ୍ୟ,ନିଜ ଉପରେ ନିୟନ୍ତ୍ରଣ ହରାଇ ବସୁଛି। ପରମାଣୁ ବିସ୍ଫୋରଣରୁ ନିର୍ଗତ ତେଜସ୍କ୍ରିୟ ବିକିରଣ ଦ୍ୱାରା ମନୁଷ୍ୟ ବିଭିନ୍ନପ୍ରକାର ଚର୍ମ ରୋଗ ,ଚକ୍ଷୁ ପ୍ରଦାହ,ଫୁସ୍‌ଫୁସ୍ ଜନିତ ରୋଗ,କ୍ୟାନସର ପରି ମାରାତ୍ମକ ରୋଗର ଶିକାର ହେଉଛନ୍ତି ।ଅନେକ ଦେଶ ମିଶି ମିଳିତ ଜାତିସଂଘ ଆନୁକୂଲ୍ୟରେ,ଆଣବିକ ପରିକ୍ଷଣ ନକରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ,ବାସ୍ତବ କ୍ଷେତ୍ରରେ ତାହାକୁ ଅଧିକାଂଶ ସମୟରେ ଉଲଙ୍ଘନ କରାଯାଉଛି ।ଆଇନ ପ୍ରଣୟନ ଏବଂ ଆଇନକୁ କାର୍ଯ୍ୟକାରୀ କରାଇବା ଦୁଇଟି ଭିନ୍ନକଥା। ଆଇନ ପ୍ରଣୟନ ସଂସ୍ଥା ବା ଲେଜିସ୍ଲେଟିଭ୍ ବିଭାଗ ଆଇନକୁ ସହଜରେ ତିଆରି କରିଦେଇ ପାରିବେ,କିନ୍ତୁ ଆଇନକୁ କାର୍ଯ୍ୟକାରୀ କରାଇବା ସଂସ୍ଥା ପ୍ରଶାସନିକ ବା ଆଡମିନଷ୍ଟ୍ରେଟିଭ ବିଭାଗ,ସହଜରେ ଆଇନକୁ କାର୍ଯ୍ୟକାରୀ କରାଇ ପାରିବେ ନାହିଁ,ଯେଉଁ ପର୍ଯ୍ୟନ୍ତ ଜନସାଧାରଣଙ୍କ ମନରେ ସଚେତନତା ସୃଷ୍ଟି ନହୋଇଛି। ବହୁଦିନ ପୁର୍ବରୁ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।କିନ୍ତୁ ଏପର୍ଯ୍ୟନ୍ତ ତାହା ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଲୋକମାନେ ଖୋଲାଖୋଲି ଭାବରେ ବିନା ନିୟନ୍ତ୍ରଣରେ ପଲଥିନର ବ୍ୟାପକ ବ୍ୟବହାର କରୁଛନ୍ତି। ପ୍ରଥମତଃ ଆଇନକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ପ୍ରଶାସନିକ ଅଧିକାରୀ ମାନଙ୍କ ନିଷ୍ଠା ଓ ଆନ୍ତରିକତାର ଅଭାବ ଓ ଦ୍ୱିତୀୟରେ ସାଧାରଣ ଲୋକ ଆଇନର ଗୁରୁତ୍ୱକୁ ଉପଲବ୍ଧି ନକରି,ଅତ୍ୟନ୍ତ ଖାମଖିଆଲି ଢଙ୍ଗରେ ଆଇନର ଅବମାନନା କରିବା ଫଳରେ,ପ୍ରଣୀତ ନିୟମ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ବର୍ତମାନ ଆମେ ଆସିବା ବାଣ ବିସ୍ଫୋରଣ ପ୍ରସଙ୍ଗକୁ ।ବାଣ ବିସ୍ଫୋରଣ ଦ୍ୱାରା ଆମେ ପ୍ରତ୍ୟକ୍ଷ ଭାବରେ ତିନୋଟି କ୍ଷତିର ସମୁଖୀନ ହେଉଛେ। ପ୍ରଥମଟି ହେଲା,କ୍ଷଣିକ ଆନନ୍ଦ ଓ ସାମୟିକ ଉତେଜନା ପାଇଁ, ଆମେ ଗୋଟିଏ ଦିନରେ ପରମ୍ପରା ନାମରେ,କୋଟି କୋଟି ଟଙ୍କା ବାଣ ବିସ୍ଫୋରଣରେ ଅପଚୟ କରି ଦେଉଛେ,ଯାହାକି ସମାଜର କୌଣସି ଉନ୍ନତୀ ମୂଳକ କାର୍ଯ୍ୟରେ ଲଗାଯାଇ ପାରିଥାନ୍ତା ।ଦ୍ୱିତୀୟରେ ଅପ୍ରାପ୍ତ ବୟସ୍କ କିଶୋର ଓ ଶିଶୁ ମାନେ ,ସାବଧାନତା ଅବଲମ୍ବନ ନକରି ବାଣ ଫୁଟାଉଥିବାରୁ,ସେମାନଙ୍କ ମଧ୍ୟରୁ ଅନେକ,ଆକସ୍ମିକ ଦୁର୍ଘଟଣାର ଶିକାର ହେଉଛନ୍ତି ।କେତେକ କୌଣସି ଅଙ୍ଗପ୍ରତ୍ୟଙ୍ଗ ହରାଇ ପଙ୍ଗୁ ହୋଇଯାଉଛନ୍ତି ତ କେତେକ ଚକ୍ଷୁ କର୍ଣରେ ଆଘାତ ପ୍ରାପ୍ତ ହୋଇ, ସାରା ଜୀବନ ଦର୍ଶନ ଓ ଶ୍ରବଣ ଶକ୍ତି ହରାଇ ବସୁଛନ୍ତି। ତୃତୀୟରେ ବାଣ ଫୁଟାଉଥିବା ଯୋଗୁ ବାୟୁମଣ୍ଡଳ ଯେତିକି ପରିମାଣରେ ପ୍ରଦୂଷିତ ହେଉଛି,ତାହାର କୁପ୍ରଭାବ ସିଧାସଳଖ ମାନବ ସମାଜର କ୍ଷତି ସାଧନ କରୁଅଛି। ମନୁଷ୍ୟର ଜୀବନଧାରଣ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ,ପ୍ରକୃତି ପ୍ରଦତ ଜଳ ଓ ବାୟୁ ପ୍ରଦୂଷିତ ହୋଇଗଲେ, ଆମେ ଯେ କି ଭୟଙ୍କର ପରିସ୍ଥିତିର ସାମନା

କରିବା ,ସେ ବାବଦରେ କେହି ଅଜ୍ଞ ନୁହନ୍ତି। ଜଳ ସଙ୍କଟତ ଅନେକ ଦିନରୁ ଆରମ୍ଭ ହୋଇଗଲାଣି ।ନିକଟ ଅତୀତରେ ଆମ ଦେଶର ରାଜଧାନୀ ଦିଲ୍ଲୀ ସହରରେ ବିଶୁଦ୍ଧ ବାୟୁ ବିକ୍ରୟ ମଧ୍ୟ ଆରମ୍ଭ ହୋଇଯାଇଛି ।କରୋନା ପାଇଁ ଲକଡାଉନ ଯୋଗୁ, ଯାନବାହାନ ଚଳାଚଳ କମ ହୋଇଥିବାରୁ,ପରିସ୍ଥିତରେ ସାମାନ୍ୟ ସୁଧାର ଆସିଛି। କିନ୍ତୁ ଭବିଷ୍ୟତରେ ପରିସ୍ଥିତି କଣ ହେବ,ତାହା ସମସ୍ତେ ଜାଣିଥିଲେ ମଧ୍ୟ,କେହି ତାହା ଉପରେ ଗୁରୁତ୍ୱ ଆରୋପ କରୁନାହାନ୍ତି ।ଆମେ ଯଦି ଆମର ମାନସିକତା ପରିବର୍ତନ ନକରି,ନିଜ ଗୋଡରେ ନିଜେ କୁରାଢି ମାରିବା ତେବେ,ଆମକୁ ସ୍ୱୟଂ ଭଗବାନ ମଧ୍ୟ ସାହାଯ୍ୟ କରିବେ ନାହିଁ। ପ୍ରକୃତିର ସ୍ୱାଭାବିକତାକୁ ନଷ୍ଟ ବିପର୍ଯ୍ୟୟ କରି ଆମେ ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ଧ୍ୱଂସର ପଥକୁ ପରିଷ୍କାର କରିଦେଉଛେ। ଗଭୀର ଚିନ୍ତନ ଓ ଆଚରଣ ପରିବର୍ତନ ଆଜିର ଆବଶ୍ୟକତା। ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ,ନିୟମ ପ୍ରଣୟନ ପୂର୍ବରୁ,ପ୍ରଚାର ପ୍ରସାର ମାଧ୍ୟମରେ,ବିସ୍ଫୋରଣର କୁପ୍ରଭାବ ସମ୍ବନ୍ଧରେ ଲୋକ ସଚେତନତା ସୃଷ୍ଟି କରିବା ଉଚିତ୍। ଯେଉଁ ବାଣ ବ୍ୟବସାୟୀ ଭାଇ ମାନେ,ନିଜର ଜୀବିକା ପ୍ରଶ୍ନ ଉଠାଉଛନ୍ତି,ସେମାନେ ପରିବେଶ ଉପରେ କୁପ୍ରଭାବ ପକାଉଥିବା ବ୍ୟବସାୟରୁ ନିବୃତ ହୋଇ,ଅନ୍ୟ ବ୍ୟବସାୟରେ ଅର୍ଥାଗମର ବ୍ୟବସ୍ଥାକୁ ଆପଣାଇ ନିଜର ତଥା ସମାଜର ମଙ୍ଗଳ ଚିନ୍ତା କରନ୍ତୁ। ଆମେ ସମସ୍ତେ ଏବାବଦରେ ସଜାଗ ନହେଲେ ପୃଥିବୀ ଖୁବ୍ ଶୀଘ୍ର ଧ୍ୱଂସ ମୁଖରେ ପତିତ ହେବା ଅବଶ୍ୟମ୍ଭାବୀ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

## କବିତା କୋଣାର୍କ

### ଆଜି ମୁଁ ବହୁତ ଖୁସି...

ଡଃ ମାଙ୍ଗଳିକା ମହାପାତ୍ର



ଆଜି ମୁଁ ବହୁତ ଖୁସି..
ଅନେକ କିଛି ଭୁଲି ଯାଇ
ଅଳ୍ପ ମନେ ରଖି ଆଗକୁ ବଢୁଛି
ଅତୀତକୁ ଭୁଲିଯାଇ
ବର୍ତ୍ତମାନରେ ବଞ୍ଚିଛି..

ବର୍ତ୍ତମାନରେ ବଞ୍ଚି
ଭବିଷ୍ୟତକୁ ସଜାଡୁଛି
ଆଜି ମୁଁ ବହୁତ ଖୁସି...

ପରାଧିନତାର ଶୃଙ୍ଖଳକୁ ଭାଙ୍ଗି
ସ୍ୱାଧୀନତାର ସ୍ୱାଦ ମୁଁ ଚାଖିଛି
ଅମା ଅନ୍ଧକାରକୁ ଦୂରେଇ ଦେଇ
ଆଲୋକ ଭରା ସକାଳକୁ
ଆପଣେଇଛି...
ଆଜି ମୁଁ ବହୁତ ଖୁସି...

ସବୁ କଷ୍ଟକୁ ଭୁଲିଯାଇ ଜୀବନର
ଲକ୍ଷକୁ ପାଇବାରେ ସଫଳ ହୋଇଛି
କଣ୍ଟକ ଭରା ପଥକୁ ଆଡ଼େଇ ଦେଇ
ଫୁଲର ଶେଯରେ ପାଦ ଯେ ଥାପିଛି
ଆଜି ମୁଁ ବହୁତ ଖୁସି...

ସେ ଖୁସିରେ କାହାର ନଜର ନ ଲାଗୁ
ଈଶ୍ୱରଙ୍କ ପାଖରେ ଅଳି ଯେ କରୁଛି
ସବୁରି ସହିତ ଭଲପାଇବା ରହିଥାଉ
ମାଗୁନାହିଁ ପ୍ରଭୁ ତୁମ ପାଶେ ଆଉକିଛି
ସତରେ... ଆଜି ମୁଁ ବହୁତ ଖୁସି...

+ ପ୍ରଶାନ୍ତି ବିହାର, କିଟ୍

### ଉଠ ଉଠ ମଠ ନ କର ଆଉ...

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଉଠ ଉଠ ମଠ ନ କର ଆଉ
ସଅଳ ଶେଯକୁ ଛାଡ଼
ସାମୟର ସାଥେ ଚାଲିଲେ ସିନା ତୁ
ଜୀବନେ ହୋଇବୁ ବଡ଼ ।

ଆକାଶରେ ଦେଖ କଅଁଳ ସୁରୁଜ
ହସେ ଖିଲି ଖିଲି ହୋଇ
ମୁରୁକି ମୁରୁକି ହସୁ ଅଛି କଳି
ପାଖୁଡ଼ାକୁ ଖୋଲିଦେଇ ।

ଟିକି ଚଢ଼େଇଟି କିଚିରି ମିଚିରି
କରି ଗାଉଥାଏ ଗୀତ
କୋମଳ କିରଣ ଡାକୁଅଛି ତୋତେ
ବସିବା ପାଇଁ କି ମିତା ।

ମନ୍ଦିରେ ଶୁଭୁଛି ଶଙ୍ଖ ହୁଳହୁଳି
କାର୍ତ୍ତିକ କରନ୍ତି ସବୁ
କମ୍ବଳ ଭିତରେ ମୁହଁକୁ ଘୋଡ଼ାଇ
କେତେ ତୁ ଶୋଇ ରହିବୁ ।

ସମ୍ବାଲୁଆ ସବୁ ପ୍ରଜାପତି ହୋଇ
ବୁଲିଲେ ଫୁଲକୁ ଫୁଲ
କେବେ ଆଉ ତୁହି ଉଠିବୁ ଧନରେ
ଜୀବନେ ଭରିବୁ ମୂଲ ।


ଆଳସ୍ୟକୁ ଛାଡ଼ି ନିଦ୍ରା ପରିହରି
ସାଧନ କରିଲେ କର୍ମ
ସରସ ସୁନ୍ଦର ହୋଇବ ଜୀବନ
ବୁଝିବୁ ତାହାର ମର୍ମ ।

+ ଶିକ୍ଷୟତ୍ରୀ
ଜୟପୁର, କୋରାପୁଟ
ମୋ: ୮୨୪୯୪୫୦୦୫୦



# ଦେଖଇ ନେତ୍ରଃ ଉତ୍କଳକ୍ଷେତ୍ର ନା ଉତ୍କଟ କ୍ଷେତ୍ର

**ମାୟାଧର ନାୟକ**



ଓଡିଶା ଗୋଟିଏ ମନୁଷ୍ୟକୃତ ମହାମରୁଡିର ମୁଲକ । ଏ ମହାମରୁଡି କେବଳ ଖାଦ୍ୟାଭାବ କ୍ଷେତ୍ରରେ ଅନୁଭୂତ ହେଉନାହିଁ - ଅନ୍ୟାନ୍ୟ ଅନେକ 'ଅଭାବ' କ୍ଷେତ୍ରରେ ମଧ ଅନୁଭୂତ ହେଉଛି । ସେଥିରୁ ମୁଖ୍ୟ ଅଭାବଟି ହେଉଛି ସାରା ଓଡିଶାରେ ବ୍ୟାପିସାରିଥିବା ଜନ-ସଚେତନତାର ଅଭାବ । ଏ ମୁଲକରେ ମଣିଷମାନଙ୍କୁ ଶାସନର ସାହେନ୍‌ସାମାନେ ମୁଣ୍ଡା ଏବଂ ପ୍ରଶାସନର ସାହେବମାନେ ମେଣ୍ଢା ବନାଇ ଆସିଥିବାର ଅଜବ ଅବସ୍ଥା ବଜାୟ ରହିଲାଣି ବର୍ଷବର୍ଷ । ମୁଣ୍ଡା, ମେଣ୍ଢାମାନଙ୍କ ମେଳିଗୁଡାକୁ ଖତମ୍ କରିଦେଇ ଗୁଣ୍ଡାଗେଣ୍ଡାମାନେ ଏଠି ଅକ୍ତିଆର କରିନିଅନ୍ତି ଦପ୍ତର ଓ ଦରବାର । କଳାଟଙ୍କାର କୁମ୍ଭୀରକୁଳ କେଳି କରନ୍ତି ଧଳାହାତୀମାନଙ୍କ ଧରାବନ୍ଧା ପହରାଦାରି ଭିତରେ । କବି ସାଲବେଗ ଯଦି ବଂଚିଥାନ୍ତେ ଆଜିଯାଏଁ, ତା'ହେଲେ ଏଠାକାର ଏ କୁତ୍ସିତ କୁମ୍ଭୀର ଆଉ ଧୋବ ଧାଉଳିଆ ହାତୀପଲଙ୍କର ଏଭଳି ଅଭେଦ୍ୟ ପ୍ରୀତି ଦେଖିସାରିବା ପରେ ନିଜ ଭଜନରୁ ସେଇ ପ୍ରସିଦ୍ଧ ପଦଟିକୁ ପ୍ରତ୍ୟାହାର କରିନେଇଥାନ୍ତେ ନିଶ୍ଚୟ - 'ଗଜରାଜ ଡାକଦେଲା ଥାଇ ଘୋର ଜଳେଣ / ଚକ୍ର ପେଷି ନକ୍ର ନାଶି ଉଦ୍ଧରିଲ ଆପଣ !'

ଓଡିଶା ଗୋଟିଏ ମନୁଷ୍ୟକୃତ ମରୁପ୍ରଦେଶ । ଏ ମରୁପ୍ରଦେଶରେ ବର୍ଷା ବନେ ବତାସ, ଚଷା ହୁଏ ହତାଶ । ଏଠି ଜଗନ୍ନାଥ ନାଆଁରେ ଜଣେ କାଠ ହୋଇଯାଇଥିବା ଦିଅଁଙ୍କର ପୂଜାପାଠ ଚାଲେ ପଣ୍ଡାପଢିହାରୀଙ୍କ ଜରିଆରେ । ଏ ଦିଅଁଙ୍କ ହାତରେ ଚକ୍ରଟିଏ ମଧ ଅଛି - ସୁଦର୍ଶନ ଚକ୍ର । କିନ୍ତୁ କୁଦର୍ଶନ ନକ୍ର ବା କୁତ୍ସିତ କଳାକୁମ୍ଭୀରକୁଳ ମଧରୁ ଗୋଟିକୁ ବି ତାଙ୍କ ସୁଦର୍ଶନ ଚକ୍ର ନାଶିପାରିଥିବାର ନମୂନା କେହି ପ୍ରତ୍ୟକ୍ଷ କରିପାରିନାହାନ୍ତି ଏଯାବତ୍ । ବରଂ କୁମ୍ଭୀର କାନ୍ଦଣା ମଧରେ ବରାବର ଶୁଣିବାକୁ ମିଳିଥାଏ - 'ଜୟ ଜଗନ୍ନାଥ' ! ଜଗନ୍ନାଥ ଏଠି ଶବରପଡାରୁ ଚୋରାରେ ଚାଲାଣ ହୋଇଆସିଥିବା ସେଇ ଦାରୁଦେବତା, ଯିଏ ବଡଦେଉଳ ବୋଲି ଉପକୂଳିଆଙ୍କର ଗୋଟାଏ କାରୁକାର୍ଯ୍ୟର କାରାଗାରରେ କେଉଁକାଳୁ କଇଦୀ ! ଜଗନ୍ନାଥଙ୍କୁ ରାଜନୀତିର ରାସ୍ତାରେ ଶସ୍ତା ସ୍ଲୋଗାନ୍‌ଟାଏ କରିସାରିଛନ୍ତି କୁଶଳୀ ମୂଷଳୀବର୍ଗ । ନିରୀହ ଆଦିବାସୀର ଧର୍ମଦେବତା ନୀଳମାଧବ ଆଜି କୁଟିଳ କପଟୀର କର୍ମକବଳିତ କଳାଠାକୁର ! ଚକ୍ରୀ ଆଜି କୁଚକ୍ରୀମାନଙ୍କ କର୍ତ୍ତୃତ୍ୱରେ ! ଜଙ୍ଗଲ ଜଳୁଚି - ଜମି ଜବରଦଖଲ ହେଉଛି - ଜଳ ମାଡିଆସୁଛି ଲୁଣିଜିଭ ଲହଲହ କରି - ଜଗନ୍ନାଥ ଜଣାଣ କିନ୍ତୁ ଜାକଜମକରେ ପାଲଟିଛି ପାର୍ଟି ପଲିଟିକ୍‌ସ୍‌ର ପାମ୍ଫଲେଟ... କାଏମୀସ୍ୱାର୍ଥର କଟ୍‌ଲେଟ୍ ! ଜଗନ୍ନାଥଙ୍କୁ ନେଇ ଏଠି ଗଢାହୁଏ ଅଜବ ଗୁଜବ - ପଢାହୁଏ ଗଡବଡ ଗଣତନ୍ତ୍ରର ଗୁପ୍ତଗାଥା ଲଢାହୁଏ ଇଲେକ୍‌ସନ୍ - କଢାହୁଏ କଳିଙ୍ଗ କଲ୍‌କୀର ପ୍ରସେସନ୍ - ଚଢାହୁଏ ଭୋଗୀଭଗତର ପୂଜାଫୁଲ - ଝଡାହୁଏ ବିତର୍କର ବତିଶଦାନ୍ତ - ତଡାହୁଏ ବସ୍ତିବାସୀର ମାଟିକାନ୍ଥ ! ଏଠି ଜଗନ୍ନାଥଙ୍କ ନାଆଁରେ ଜାଗୁଆର୍‌ଙ୍କୁ ଜୁଟେ ଜାଗିରି, ଡକାୟତଙ୍କୁ ମିଳେ ଡିଗିରି, ଚାକୁବାଲାଙ୍କୁ ଦିଆଯାଏ ଚାକିରି, ବେଠିଆଙ୍କୁ ବଂଟାଯାଏ ବେକାରୀ । ଜଗନ୍ନାଥଙ୍କ ରାଜ୍ୟ ରୂପେ ଚିହ୍ନଟ ହେଉଥିବା ଓଡିଶା - ଦାରିଦ୍ର୍ୟ ଓ ଦୁର୍ନୀତିର ପ୍ରଖର ପ୍ରତିନିଧିତ୍ୱ କରିଆସିଛି ଏକକାଳୀନ । ଏ ଗରିବ ରାଜ୍ୟରେ ଧର୍ମତନ୍ତ୍ରୀମାନେ ଧନୀ, ମନ୍ତ୍ରୀମାନେ ମହାଜନ, ହାକିମହୁକୁମମାନେ ଧର୍ମ୍ୟଧିରାଜ । ଆଖି ଥାଇ ସାକ୍ଷୀ ନୁହଁନ୍ତି ଚକାଆଖିଆ । ଦେବତା ଏଠି ଦାରୁ - ନେତା ଏଠି ମାରୁ - ଭୋଟର୍‌ମାନେ ଭୀରୁ । ଜୟ ଜଗନ୍ନାଥ - ହିନ୍ଦୁଧର୍ମର ହୁରି ଶୁଭୁଚି ହୁଣ୍ଡି ଭିତରୁ । ଓଡିଶା ଗୋଟିଏ ମନୁଷ୍ୟକୃତ ମଶାଣିପଦା । ଏଠି ଅନେକ ଶବଦାହ । ଶବଦାହ - ସ୍ୱପ୍ନର, ସଂକଳ୍ପର, ସଂସ୍କୃତିର, ସାହିତ୍ୟର, ସାମ୍ବାଦିକତାର, ସଭ୍ୟତାର, ସଭ୍ୟତାର ! ଶବଦାହ - ବିଦ୍ରୋହର, ବିପ୍ଳବର, ପ୍ରତିବାଦର, ପ୍ରତିଭାଦୀପ୍ତ ନବତାରୁଣ୍ୟର । କଳିଙ୍ଗର ସ୍ଫୁଲିଙ୍ଗ, କଙ୍ଗୋଦର କୌଳିନ୍ୟ, କୋଶଳର କୌମୁଦୀ, ଉତ୍କଳର ଉତ୍ପଳ ଏଠି ପାଉଁଶ ପାହାଡ ତଳେ ପ୍ରତ୍ନତତ୍ତ୍ୱଙ୍କର ପ୍ରାପ୍ୟ କେବଳ ! ଭୋକର ଭୂଗୋଳ ଏ ଓଡିଶା - ନିଜ ଇତିହାସର ଇତିକଥା ଲେଖେ ସନନ୍ଦରେ, ଶିଳାଲିପିରେ, ପୋଥିପତ୍ରରେ, ପୀଫର୍ଦ୍ଦରେ, ପୋକରା ପାଇକଖେଦାରେ, ଫିମ୍ପିମରା ପୂର୍ବମାଗଧୀରେ ! ଭୌମ, ସୋମ, କେଶରୀ, ଗଙ୍ଗ, ସୂର୍ଯ୍ୟବଂଶର ଅନେକ ଅବଶିଷ୍ଟାଂଶ ପାଲଟେ ଓଡିଶାର ଅସ୍ପଷ୍ଟ ଇତିହାସ । ଏ ଓଡିଆ ହେଉଛି ଏପରି ଏକ ବିଚିତ୍ର ଜାତି - ଯିଏ ନିଜ ଭୂଇଁକୁ ଭଲପାଇ ପାରେନା, ନିଜ ଭାଇକୁ ଭାଗ ପାଇଁ ଭଗାରି ବନାଇଦିଏ । ଯଦି ପାଂଚବର୍ଷ ଓଡିଶାଭୂଇଁରୁ ଏ ଓଡିଆମାନଙ୍କୁ ବିସ୍ଥାପିତ କରି ମରାଠୀ, ଜାଠ୍, ଶିଖ୍ ବା ବଙ୍ଗୀୟମାନଙ୍କୁ ସୁଦ୍ଧା ଥଇଥାନ କରିଦିଆଯାଏ, ତା'ହେଲେ ଏ ଓଡିଶାରାଜ୍ୟ ନିଜ ଇଜ୍ଜତ ହରାଇଥିବାର ଲଜ୍ଜାକର ଲାଂଛନାରୁ ମୁକୁଳିପାରିବ ହୁଏତ । ପ୍ରତିକ୍ରିୟାହୀନ, ପ୍ରତିବାଦହୀନ ଓଡିଆ ଜାତି ସବୁପ୍ରକାର ଜୁଲୁମ୍‌କୁ ବରଦାସ୍ତ କରିନେଉଥିବାରୁ ହିଁ ଏଠି ଶାସନ ଲଙ୍ଗଳା, ପ୍ରଶାସନ ହୁଗୁଳା । ଛୋଟଛୋଟ ଖୁଚୁରା ଖେଳରେ ଏଠି ଖବରକାଗଜମାନେ ବ୍ୟସ୍ତ । ନା ସେମାନେ ଜନମତକୁ ଯଥାର୍ଥ ମାର୍ଗଦର୍ଶନ ଦେଇପାରନ୍ତି ନା ନୂତନ ଶକ୍ତିକୁ ମଦତ୍ । ଏଠି ସମ୍ବାଦପତ୍ର ପାଲଟେ ଶାସକ ଦଳର ପ୍ରଶସ୍ତିପତ୍ର ନହେଲେ ବିରୋଧୀଦଳର ବିରଜାର୍ପି ! ଓଡିଶା ପାଇଁ ଆରିସି ନାହିଁ । ଓଡିଶାର ମୁହଁ ଦିଶେନାହିଁ ଓଡିଆ ଖବରକାଗଜ ଫର୍ଦ୍ଦରେ । ସାତଆଠଟା ସହରର ସକାଳସବୁ ସମ୍ବାଦ ହୁଏ ଏଠି, ଅଜଣାଅଶୁଣା ହୋଇ ରହିଯାଏ କିନ୍ତୁ ହଜାର ହଜାର ଗାଆଁଗଣ୍ଡାର ଧୂଳିସ ଆଉ ଆଦିବାସୀପଡାର ଅଧରାତି ।

ଓଡିଶା ଗୋଟିଏ ମନୁଷ୍ୟକୃତ ମେରୁପ୍ରଦେଶ । ଏଠି ସବୁ ଶୀତଳ । ସବୁ ଶିଥିଳ । ବରଫଠାରୁ ଆହୁରି ଥଣ୍ଡା ଓଡିଆମାନଙ୍କର କଲିଜା । ସବୁ ମଜଦୂର ଆନ୍ଦୋଳନ ଶେଷହୁଏ ଶୀତତାପ ନିୟନ୍ତ୍ରିତ ମାଲିକ ମହଲରେ, ସବୁ କୃଷକ ବିପ୍ଳବର ଅନ୍ତ ଘଟେ କୃପଣ ମହାଜନମାନଙ୍କ ବେଙ୍ଗଳା ବୁଲାରେ, ସବୁ କର୍ମଜୀବୀ ଧର୍ମଘଟ ଚର୍ମ ଘଷେ ପଦ୍ମ ଘୁଂଚିଘୁଂଚି ଯାଉଥିବା ସରକାରୀ ସରୋବରରେ । ନିୟମିତ ରତିକ୍ରିୟା ଓ ଅନିୟମିତ ପ୍ରତିକ୍ରିୟାକୁ ନେଇ ପ୍ରକୃତରେ ଏକ ଅଦ୍ଭୁତ ମେରୁପ୍ରଦେଶ ଏ ଓଡିଶା । ଏଠି ଅବିଚାର, ବ୍ୟଭିଚାର, ଭ୍ରଷ୍ଟାଚାର, ନଷ୍ଟାଚାର, ଅନାଚାର ଇତ୍ୟାଦି ଅନେକ ଆଚାର ମିଳୁଥାଏ ମାହାଳିଆ । କରଜର କୋରଡାମାଡରେ ମରୁଥାଏ ଚାଷୀ - ଅନ୍ନ ବିହୁନେ ହଂସହାନି ଦର୍ଶାଉଥାଏ ଉପାସୀ ଆଦିବାସୀ । ଭଣ୍ଡମାନେ ସାଜୁଥାନ୍ତି ସନ୍ନ୍ୟାସୀ - ଭାଣ୍ଡମାନେ ବନୁଥାନ୍ତି ଶିଳାନ୍ୟାସୀ । ଭଣ୍ଡ, ଭାଣ୍ଡ, ଭେରଣ୍ଡମାନଙ୍କୁ ନେଇ ଓଡିଶା ଶାସନର ଭୋଗମଣ୍ଡପ । ଗାଲୁଆଙ୍କ ଗଇେଡିହ ପରି ଦୂରରୁ ଦିଶୁଥାଏ ପ୍ରଶାସନର ପ୍ରାଚୀରବେଷ୍ଟିତ ପରିସର । ସୌଧଶୀର୍ଷରେ ଉଡୁଥାଏ ଜାତୀୟପତାକା । ଜନଗଣଙ୍କ ପାଇଁ ଜାରି ରହିଥାଏ ଜାତୀୟ ସଂଗୀତ । ଏମିତି ଏଠାକାର ଚିତ୍ର ଓ ଭୂଚିତ୍ର । ପାଳିତ ପାଳଭୂତମାନେ ଚଳାଇଥାନ୍ତି ସରକାର ରାଜ୍ - ପୁଲିସ୍ ପାଲଟୁଥାଏ ସରକାରୀ ବରକନ୍ଦାଜ୍ । ଦଳିତଙ୍କୁ ନେଇ ଦଳ, ରଇତକୁ ନେଇ ରାଜନୀତି, ମାଓଙ୍କୁ ନେଇ ମାମଲା, ମାଫିଆଙ୍କୁ ନେଇ ମୁକାବିଲା - ଏବର ଓଡିଶା ଆନ୍ଦୋଳନର ଏପାଖସେପାଖ । ଏଠି ତେଣୁ ସବୁ ଶୀତଳ - ଅବତଳ ଓ ସମତଳକୁ ଉପହାସ କରୁଚି ଶତସହସ୍ର ସପ୍ତତଳ ! ଏଇସବୁ ସପ୍ତତଳରେ ଗୁପ୍ତମନ୍ତ୍ରଣାରତ ତୃପ୍ତଘାତକଦଳ ।

ଓଡିଶା ଗୋଟିଏ ମନୁଷ୍ୟକୃତ ମୃଗୟାକ୍ଷେତ୍ର । ଏ ମୃଗୟାକ୍ଷେତ୍ରର ମୃଗୁଣୀସ୍ତୁତିକୁ କର୍ଣ୍ଣପାତ କରନ୍ତି ନାହିଁ କେବେ କୌଣସି ଈଶ୍ୱର କି ଠାକୁର । ମାଆଟିଏ ମଥା ନୁଆଉଁଥାଏ କଥାର ବାଟୁଳି ମାରୁଥିବା ପୁଅ ପାଖେ, ଭଉଣୀଟିଏ ଭଉଁରୀ ଖାଉଥାଏ ସହରୀ ଭାଇଙ୍କ ସଡକ ଚଡକ ଚକ୍ରରେ, ଝିଅଟିଏ ଝାଉଁଳି ପଡୁଥାଏ ଝାମଲାର ଝିନ୍‌ଝଟରେ । ବାଳିକା ପ୍ରତି ବଳାତ୍କାର, ମହିଳାଙ୍କ ପ୍ରତି ଅସଦାଚାର, ବ୍ଲୁ ଫିଲ୍ମ୍ ପାଇଁ ହିରୋଇନ୍ ହରଣ, କ୍ଲବ୍ କ୍ୟାବାରେ ପାଇଁ କଲ୍‌ଗାର୍ଲ ପ୍ରେରଣ - ଟଙ୍କାର ଟ୍ରେଜେରୀରେ ଲୁଚିରହିଚି ଟ୍ରକ୍ ଟ୍ରକ୍ ଟ୍ରାଜେଡି । ନୋଟ୍ ନିର୍ମାଣ କରୁଚି ନେଟ୍‌ୱାର୍କ । ଭୋଟ୍ କିଣାଯିବ କୋର୍ଟ କାନୁନ୍‌କୁ ଆଖି ମାରି । ଗାଆଁଗାଆଁକୁ ଚାଲିଲେଣି ସହରୀ ଶିକାରୀ ।

ଓଡିଶା ଗୋଟିଏ ମନୁଷ୍ୟକୃତ ମହରଗ ମହକୁମା । ତୈଳଦର ଯେତେ ବଢୁ, ରାଜନୀତିର ତୈଳୀକରଣ ଆଭିମୁଖ୍ୟରେ କିନ୍ତୁ ଆଂଚ ଆସିବନି ଇଂଚଟିଏ । ଚେଲାଚାମୁଣ୍ଡା ଚାମ୍‌ଚାଙ୍କୁ ନେଇ ଗେହ୍ଲାଗୁଣ୍ଡାଙ୍କ ଗୁରୁ ଗୋଇାଇଁମାନେ ଶାସନର ଆସନରେ ସାଇଁ, ପ୍ରଶାସନର ପ୍ରାସନରେ ସାଇବ । ଗରିବମାନେ ଗହଳି କଲେ ଏ ଗୁଣ୍ଡାଗୁଡା ଗୁଣ୍ଡ ହେଇଯିବେ ଏକାଦିନକେ - କିନ୍ତୁ ସରକାରୀ ସାଇଁ-ସାଇବମାନଙ୍କ ଗୁପ୍ତ ମର୍ଡର-ଅର୍ଡର୍ ମାନି ଓଡିଶାର ପୁଲିସ୍ ଗୁଳି ଚଳଉଚି ଓଡିଶାର ଗରିବମାନଙ୍କୁ !ୟା'ଠାରୁ ବଳି ବର୍ବରତା ଅଛି କ'ଣ ? ସେଥିପାଇଁ ଜେଲ୍ ଭିତରେ ଜହ୍ଲାଦ ଧରିଚି ମୋବାଇଲ୍ - ଥାନା ଥାକରୁ ଗାଏବ୍ ହେଉଚି ପୁଲିସ୍ ଫାଇଲ୍ ! ଆଇନ୍‌କୁ ଆଖି ମାରୁଚି ଅସୁମାରି ଅବିଚାର - କାନୁନ୍‌ର କିତାବରେ କଳାଗାର - ସବୁ ଅଂଗୀକାର ଓଡିଶା ପାଇଁ ଅଂଗାର !

ଓଡିଶା ଗୋଟିଏ ମନୁଷ୍ୟକୃତ ଦୁର୍ଭାଗ୍ୟର ଦୃଶ୍ୟପଟ । ଝଡି-ବଢି-ମରୁଡିର ମାନଚିତ୍ର ରୂପେ କୁଖ୍ୟାତ ଏ କଣପଟିଆ ରାଜ୍ୟ ଏଇନେ ଅପରାଧୀଙ୍କ ଅଭୟାରଣ୍ୟ । ଚୋରସର୍ଦ୍ଦାରଙ୍କ ଚରାଭୂଇଁ । ଖୁଲମ୍‌ଖୁଲ୍ଲା ଖୁଣୀଙ୍କ ଖାସ୍‌ସାହାଲ୍ । ଆତଙ୍କବାଦୀଙ୍କ ଆଖଡା । ଗୁପ୍ତଚରଙ୍କ ଗିରିଗୁା । ସଇତାନ ସୁପୁତ୍ରଙ୍କ ସୁଡଙ୍ଗ । ଅଧିକାଂଶ ଅଯୋଗ୍ୟ ଅପାତ୍ର ଓଡିଆ ଏଠି ଦଖଲ କରନ୍ତି ରାଜନୈତିକ କ୍ଷମତା - ଅବଶିଷ୍ଟ ଓଡିଆଙ୍କୁ ତଳିତଳାନ୍ତ କରିବାରେ କାଣିଚାଏ କୁଣ୍ଠା ନଥାଏ ଏମାନଙ୍କର । ଯାହାର ଯେତେବେଶି ସମ୍ପତି, ସିଏ ଏଠି ସେତେବଡ ସମାଜପତି । ଧୁରନ୍ଧର ଧନିକ ଏଠି ପୁରନ୍ଦର - ତା' ରଙ୍ଗସଭାରେ ଅନେକ ରମ୍ଭା, ମେନକା, ଉର୍ବଶୀ । ସିଏ ଏକାଧାରରେ ସର୍ବମୟ କର୍ତ୍ତା - କେତେ କ୍ରିୟା, କେତେ କର୍ମର । ସେ ରାଜନୀତିର ବାଜପକ୍ଷୀ, ସଂସ୍କୃତିର ଶଂଖଚିଲ, ସାହିତ୍ୟର ସାରସ । ସେ ନଟକୂଟ ନାୟକ, ଛଟପଟ ପ୍ରେମିକ, ମଠମଠ ଧାର୍ମିକ । ଏ ହାତରେ ମୁଦ୍ରା, ସେ ହାତରେ ଭଦ୍ରା - ଏ ଆଖିରେ ଇସାରା, ସେ ଆଖିରେ ଉସ୍‌ମାନ୍ ତାରା - ଏ କାନରେ କିସ୍, ସେ କାନରେ ଫିସ୍ - ଏମିତି ଏମାନଙ୍କ କାରବାରସବୁ । ଭାରି ବଢିଆ ଭାଷଣ । ପରଦା ପଛରେ କିନ୍ତୁ ଚାଲିଥାଏ ସିଂହାସନ ସକାଶେ ଶହଶହ ଶତ୍ରୁଙ୍କୁ ସଂହାର କରିବାର ସବୁ ସରଗରମ୍ ଆୟୋଜନ । ଏପରିକି ସୁପାରି ସକାଶେ ସୁପାରିଶ୍ - ନହେଲେ ଡନ୍ ଡେପୁଟୀକୁ ଡିସ୍‌ମିସ୍ । କଳାଟଙ୍କାର କୁବେରତନ୍ତ୍ର ଆଜି କରାୟତ କରିସାରିଛି ଗଣତନ୍ତ୍ର । ଏ ଧୂର୍ତ୍ତ ଧନତନ୍ତ୍ରୀ ଦଳ ଅପହରଣ କରିଛନ୍ତି ଗରିବର ଜମି, ଗିରିଜନର ଜଙ୍ଗଲ । ଆଜି ଓଡିଶାର ବିଲମାଳ ଉପରେ ବି ନଜର୍ ପଡିଲାଣି ଏମାନଙ୍କ ପୃଷ୍ଠପୋଷକତାରେ ମୁଣ୍ଡ ଟେକିଥିବା ବିଲଡର୍ ବଡିର । କମ୍ପାନୀମାନେ ଖଣି କିଣିନେବେ, କୁବେରମାନେ ଓଡିଶା ମୁଣ୍ଡରୁ ମଣି କାଢିନେବେ - ଆଦିବାସୀ ଆଉ ଅଧିବାସୀମାନଙ୍କ ଉତରପିଢି ଦାଣ୍ଡର ଭିକାରି ଭଳି ଭୁଆଁ ବୁଲିବା ଛଡା ଆଉ କରିବେ କ'ଣ ? ପୁଲିସ୍, ଓକିଲ, ଡାକ୍ତର ଡାକୁ - ସମସ୍ତଙ୍କୁ ଟଙ୍କା ବଳରେ କବଳିତ କରିପାରିଥିବା ଏଇ ଧନାଢ୍ୟ ଧନୁର୍ଦ୍ଧରବର୍ଗ ବିରୋଧରେ ମାତୁଛନ୍ତି ମାଓବାଦୀ । ତଥାପି ଓଡିଶାକୁ ଓଲୁ ବନାଇ ନିଜ ସୁଦୀର୍ଘ ଶାସନର ଶ୍ୱାସକ୍ରିୟା ଚାଲୁ ରଖିଛନ୍ତି ଏ ସୁରକ୍ଷିତ ସ୍ୱାର୍ଥପର ଶ୍ୱାପଦକୁଳ ।

ଓଡିଶା ଗୋଟିଏ ମନୁଷ୍ୟକୃତ ମରୀଚିକାର ମହୀମଣ୍ଡଳ । ସହି ନହେଉଥିବା ଅଧୀନରେ ରହିବାକୁ ବାଧ ହୋଇଥାନ୍ତି ଏଠି ଓଡିଶାବାସୀ । ଏଠି କୁଜୀନେତାକୁ କୁର୍ଣ୍ଣିସ୍ କରେ କୁଳପତି । ରାଜନେତାକୁ ରାଗିଣୀ ଶୁଣାଏ ରମଣୀମଣି । କାଲିର କୁଳାଙ୍ଗାର । ଯେଉଁଠି ଆଜିର ଅତିଥି ବେଶରେ ମଂଚ ମଣ୍ଡନ କରେ - ସେଇଠି ହିଁ ଦିଶିଯାଉଥାଏ ଓଡିଶା । ଅପରାଧୀର ଇଙ୍ଗିତରେ ଅଦଳବଦଳ ହୁଅନ୍ତି ଅଫିସର ଦଳ । କାହିଁକିନା ଶାସନର ସୁନାପୁଅ ହେଉଛି ଆଜିର ମସ୍ତାନ୍ । ହାକିମକୁ ହୁକୁମ୍ ଦିଏ ସେ । ନବାବ୍‌କୁ ଜବାବ୍ । ଗରିବ ବାଘମାନେ ନିଜ ଘରେ ଏଇ ସୁନାମିରିଗମାନଙ୍କ ନାଟ ଓ ନାଟକ ନିରେଖି ନିରେଖି ନୟାନ୍ତ । ଅଥଚ ଅଥର୍ବ ଓଡିଶାବାସୀ । ରକ୍ତରେ ଉତାପ ନାହିଁ, ଶିରା ପ୍ରଶିରାରେ ପ୍ରସ୍ତରଯୁଗର ହିମଶୀତଳତା । ରହିଲେ ଗୃହସ୍ଥ ଓଡିଶାବାସୀ ଜନଗଣ, ଯେଉଁମାନେ ଆଜି ଜାତୀୟକରଣର ଜତୁଗୃହରେ ଜର୍ଜରିତ ! କାହାକୁ ଗୁହାରି କରିବେ ଏମାନେ ? ଆଇନ୍ ଅନ୍ଧ, ପୁଲିସ୍ ମୂକ, ପ୍ରଶାସନ ବଧୀର ! ଅତଏବ ଅପଶାସନର ଶକୁନ ଛାୟାରେ ଆତଙ୍କିତ ଓଡିଶା ଆଉ ଏକ ତୁମୂଳ ପରିବର୍ତ୍ତନ ଅପେକ୍ଷାରେ ଉର୍ଦ୍ଧ୍ୱଶାସ । ଏ ଅପେକ୍ଷା ଅନେକ ଦିନ ପରେ କ'ଣ ହାସଲ କରିପାରିବ ସୁଦିନର ଶୁଭସକାଳ ? ଏ ପ୍ରଶ୍ନର ପ୍ରତ୍ୟୁତରରେ ମୁରୁକିହସୁଚି ଏକ ମନୁଷ୍ୟକୃତ ମରୀଚିକାର ମହୀମଣ୍ଡଳ !

ବିନା ପ୍ରତିକ୍ରିୟା, ପ୍ରତିବାଦ, ପ୍ରତିବଦ୍ଧତାରେ କ'ଣ କୌଣସି ଜାତି ସୁଶାସନ ସକାଶେ ହକ୍‌ଦାର ହୋଇପାରେ କେବେ ? ଏବଠୁ ହିଁ ସାରା ଓଡିଶା ନିଜେ ନିଜକୁ ବଦଳାଇବାର ପଣ ନକଲେ, ଗଣତନ୍ତ୍ର ଏଠି ଏମିତି ପଡିରହିଥିବ ଗୋବରଗଦାରେ ଆଉ ଜନଗଣ ମିଶିଯାଇଥିବେ ମଶାଣିପଦାରେ !


ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


## ମେଥି ମଟର ମଲାଇ



**ଆବଶ୍ୟକ ସାମଗ୍ରୀ:**
କଟାଯାଇଥିବା ମେଥିପତ୍ର-୨ କପ୍, ସିଝା ଗ୍ରୀନ୍ ମଟର-୪ କପ୍, ଲୁଣ-ସ୍ୱାଦ ଅନୁସାରେ, ତେଲ-୩ ଚାମଚ, ଜିରା- ଅଧ ଚାମଚ, କଟାଯାଇଥିବା ପିଆଜ- ଅଧା କପ୍, ଟମାଟୋ ପ୍ୟୁରି- ଅଧା କପ୍, କ୍ଷୀର-୧ କପ୍, ଚିନି-ଅଧା ଚାମଚ, ତାଜା କ୍ରିମ-୨ ଚାମଚ । ପେଷ୍ଟ ପାଇଁ -କଟା ପିଆଜ-୧/୪ କପ୍, କଞ୍ଚା ଲଙ୍କା- ୨ଟି, ଅଦା- ୨୫ ମି.ମି, ରସୁଣ-୩ କଳି, କାଜୁ-୨ଟି, ପୋସ୍ତ-୨ ଚାମଚ ।
ଶୁଖିଲା ମସଲା- ଡାଲଚିନି-୨୫ ମି.ମି, ଲବଙ୍ଗ-୪ଟି, ଗୁଜରାତି-୨ଟି, ଗୋଲମରିଚ-୪ଟି, ଜିରା-୧ ଚାମଚ । ଏହାକୁ ହାଲୁକା ଭାଜି ଗୁଣ୍ଡ କରାଯିବ ।

**ପ୍ରଣାଳୀ:**
ମେଥି ମଟର ମଲାଇ ତରକାରି କରିବା ପାଇଁ ପ୍ରଥମେ ମେଥି ପତ୍ରକୁ ଧୋଇ, ସେଥିରେ ଅଧା ଚାମଚ ଲୁଣ ଗୋଳେଇ ୧୫ ମିନିଟ୍ ପାଇଁ ଅଲଗା ରଖନ୍ତୁ । ସେଥିରୁ ପାଣି ବାହାର କରିଦିଅନ୍ତୁ । ଗୋଟେ କଡ଼େଇରେ ୨ ଚାମଚ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ ମେଥି ପତ୍ରକୁ ପକାଇ ମଧ୍ୟମ ଆଞ୍ଚରେ ୨-୩ ମିନିଟ୍ ଭାଜି ଅଲଗା ରଖନ୍ତୁ । ସେହି କଡ଼ାଇରେ ଆଉ ଏକ ଚାମଚ ତେଲ ଦେଇ ପିଆଜ ପକାନ୍ତୁ ଓ ଦୁଇ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଥିବା ପେଷ୍ଟ ଓ ଦୁଇ ଚାମଚ ପାଣି ଦେଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ଭାଜନ୍ତୁ । ଟମାଟୋ ପ୍ୟୁରି ଓ ଶୁଖିଲା ମସଲା ପାଉଡର ପକାଇ ଭଲ ଭାବରେ ମିଶାନ୍ତୁ । ଏବେ ଗ୍ରୀନ୍ ମଟର, ଭଜା ଯାଇଥିବା ମେଥି, କ୍ଷୀର, ଚିନି, ଲୁଣ ଓ ତାଜା କ୍ରିମ୍ ଦେଇ ମଧ୍ୟମ ଆଞ୍ଚରେ ୨-୩ ମିନିଟ୍ ରଖନ୍ତୁ । ମଝିରେ ମଝିରେ ତରକାରିକୁ ମିଶେଇବାକୁ ପଡ଼ିବ । ୩ ମିନିଟ୍ ପରେ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ରୁଟି, ପରଟା ସହିତ ଗରମ ଗରମ ଖାଇବାକୁ ଦିଅନ୍ତୁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଆଇରନ୍ ଥାଏ ।

## ଟମାଟୋର ଔଷଧୀୟ ଗୁଣ

ଟମାଟୋ ବା ବିଲାତି ବାଇଗଣ କେବଳ ଆମ ରୋଷେଇଘରର ବ୍ୟଞ୍ଜନକୁ ସ୍ୱାଦିଷଟ କରେନାହିଁ, ଏହାର ଔଷଧୀୟ ଗୁଣ ମଧ ରହିଛି । ଖାଲିପେଟରେ ଟମାଟୋ, ଗୋଲମରିଚ ଓ ଲୁଣ ମିଶାଇ ଖାଇଲେ କୃମି ମରିଯାନ୍ତି । ଶିଶୁର ମା' ଟମାଟୋ ଖାଇବା ଦରକାର । ତା' ସହିତ ନିଜର ଶିଶୁମାନଙ୍କୁ ଟମାଟୋ ରସ ଦିନରେ ୨-୩ ଥର ଦେବା ଭଲ । ଏହାଦ୍ୱାରା ଶିଶୁମାନଙ୍କର ଶାରୀରିକ ବିକାଶ ଭଲଭାବରେ ହୋଇଥାଏ । ହଜମ ଶକ୍ତି ଭଲ ହୁଏ ଏବଂ ଦାନ୍ତ ଉଠିବାରେ କଷ୍ଟ ହୁଏ ନାହିଁ । ଟମାଟୋ ରସ ପିଇଲେ ଅଳ୍ପଦୃଷ୍ଟି ଥିବା ବ୍ୟକ୍ତିମାନେ ଲାଭବାନ୍ ହୋଇଥାନ୍ତି । ଏହାଛଡ଼ା ଦୃଷ୍ଟିଶକ୍ତି ବଢ଼େ । ବିଲାତି ରସ ଗୋଟିଏ ଚାମଚ ଓ ନଡ଼ିଆ ତେଲ ଦୁଇ ଚାମଚ ମିଶେଇ ମାଲିସ କରି, କିଛି ସମୟ ପରେ ଅଳ୍ପ ଉଷୁମ ପାଣିରେ ଗାଧୋଇଲେ କୁଣ୍ଡେଇ ହେବା ଦୂର ହୋଇଥାଏ । ସକାଳ ଜଳଖିଆରେ ଗୋଟିଏ ଗ୍ଲାସ ବିଲାତି ରସରେ ଅଳ୍ପ ପରିମାଣରେ ମହୁ ମିଶେଇ ପିଇଲେ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ବିଲାତି ଯକୃତ, ପାକସ୍ଥଳୀକୁ ଶକ୍ତି ଦିଏ । ଏହା ମଧ ସ୍ମରଣ ଶକ୍ତି ବଢ଼ାଇବା ସହ ରକ୍ତଚାପ କମାଇଥାଏ । ବିଲାତି ଗୁଣକାରୀ ହେବା ସଙ୍ଗେ ସଙ୍ଗେ ଅମ୍ଳପିତ୍ତ, ଆମବାତ, ସନ୍ଧିବାତ, ଷ୍ଟୋନ ହୋଇଥିବା ରୋଗୀମାନଙ୍କ ପାଇଁ ହିତକାରୀ ନୁହେଁ । ତେଣୁ ସେମାନେ ବିଲାତି ଖାଇବା ଉଚିତ ନୁହେଁ ।





## ଚକୋଲେଟ ମ୍ୟୁଜିୟମ

ଆମେ ଅନେକ ପ୍ରକାରର ମ୍ୟୁଜିୟମ ବିଷୟରେ ଶୁଣିଛନ୍ତି ବା ଦେଖିଛନ୍ତି । କିନ୍ତୁ କେବେ ଆପଣ ଚକୋଲେଟ ମ୍ୟୁଜିୟମ ବିଷୟରେ ଶୁଣିଛନ୍ତି କି ? ଚକୋଲେଟ ପ୍ରେମୀମାନଙ୍କ ପାଇଁ ଏକ ଚକୋଲେଟ୍ ମ୍ୟୁଜିୟମ ଖୋଲାଯାଇଛି । ଏହି ନିଆରା ମ୍ୟୁଜିୟମ ୧୩ ସେପ୍ଟେମ୍ବରରୁ ସ୍ୱିଜରଲାଣ୍ଡର ଜୁରିକ୍ ସହରରେ ଆରମ୍ଭ ହୋଇଛି । ୬୫,୦୦୦ ବର୍ଗ ଫୁଟ୍ କ୍ଷେତ୍ରଫଳରେ ବ୍ୟାପ୍ତି ଏହି ମ୍ୟୁଜିୟମର ନାମ 'ଲିଣ୍ଟ ହୋମ ଅଫ୍ ଚକୋଲେଟ୍' । ଏହି ନିଆରା ମ୍ୟୁଜିୟମ ଭିତରେ ସବୁ ଜିନିଷ ଚକୋଲେଟ୍‌ରେ ତିଆରି ହୋଇଥିବାର ଦେଖିବାକୁ ମିଳେ । ଏହା ବ୍ୟତୀତ ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଫାଉଣ୍ଟେନ ମଧ ରହିଛି, ଯାହା ମୁଖ୍ୟ ଆକର୍ଷଣ । ଏହା ବିଶ୍ୱର ସବୁଠାରୁ ବଡ଼ ଲିଣ୍ଟ ଚକୋଲେଟ ସପ୍ ମଧ ।






## ଦୁର୍ଲଭ ଛତୁ

ଆମ ଦେଶରେ ଏକ ଦୁର୍ଲଭ ଛତୁ ରହିଛି ଯାହାର ନାମ ଗୁଚ୍ଛି । ଏହା ହିମାଳୟରେ ମିଳୁଥିବା ଏକ ଜଙ୍ଗଲୀ ପ୍ରଜାତିର ମଶରୁମ୍ । ବଜାରରେ ଏହାର ଦାମ୍ କିଲୋ ପ୍ରତି ୨୫ରୁ ୩୦ ହଜାର ଟଙ୍କା । ଏହାର ଚାହିଦା ବିଦେଶରେ ଅଧିକ । ଅଧିକ ଦାମ୍ ଥିବା ହେତୁ ଗୁଚ୍ଛି ତରକାରି ଖାଇବାକୁ ହେଲେ ବ୍ୟାଙ୍କ୍‌ରୁ ଲୋନ୍ ନେବାକୁ ହେବ ବୋଲି ଲୋକମାନେ କହନ୍ତି । ତେବେ ଗୁଚ୍ଛିରେ ଥିବା ଔଷଧୀୟ ଗୁଣ ହୃଦୟଜନିତ ରୋଗ ଦୂର କରିବା ସହିତ ଶରୀରକୁ ଅନ୍ୟ ପ୍ରକାରର ପୋଷଣ ଦେଇଥାଏ । ଏହା ଫେବୃଆରୀରୁ ଏପ୍ରିଲ ମଧରେ ମିଳିଥାଏ ।



# ଦରମା ଅଧା ମିଳିଲା, ହଜାର ହଜାର ସଂଖ୍ୟାରେ ଲୋକ ରାଉରକେଲା ଛାଡୁଛନ୍ତି

ରାଉରକେଲା,୨୪।୧୧ (ନି.ପ୍ର): ରାଉରକେଲା ଏକଦା ବେକାର ଓ ଶିକ୍ଷିତ ମାନଙ୍କ ଲାଗି ସବୁବେଳେ ଚାକିରୀର ସୁଯୋଗ ଦେଉଥିବା ରାଉରକେଲା ସହରରୁ ସମ୍ପ୍ରତି ପ୍ରତିଦିନ ଲୋକେ ଅନ୍ୟ ସହରକୁ ଚାଲିଯାଉଥିବାର ଜଣା ପଡିଛି । ସେମାନେ ଥିବା ଯାଗାରେ ସେମାନଙ୍କୁ ଅଧା ଦରମାରେ ଦିର୍ଘ ୬ ମାସ ଧରି କାମ କରିବାକୁ ପଡିଥିବାବେଳେ ଲକଡାଉନ ପରେ ମଧ୍ୟ ସମାନ ଅବସ୍ଥା ରହୁଥିବାରୁ ସେମାନେ ଦଳ ଦଳ ହୋଇ ରାଜ୍ୟ ବାହାରକୁ ଚାଲିଯାଉଥିବାର ଖବର ମିଳିଛି । ଏହା ଦ୍ୱାରା ପାନ ଦୋକାନୀ ଠାରୁ ଘର ଭଡା ଦେଇ ଚଳୁଥିବା ଲୋକେ ନାନା ସମସ୍ୟା ଭିତରୁ ଚାଲିଯାଉଥିବା ଆଲୋଚନା ଚାଲିଛି । ଏସବୁ ବିଶେଷ କରି ରାଉରକେଲା ଆଖ ପାଖରେ ଥିବା ସ୍ପଞ୍ଜ କାରଖାନା ସମେତ ଅନ୍ୟାନ୍ୟ କାରଖାନାରେ ଥିବା ଲୋକଙ୍କ କ୍ଷେତ୍ରରେ ଦେଖାଯାଇଛି । ରାଜ୍ୟ ବାହାରୁ ତଥା ରାଜ୍ୟ ଭିତରର ଅନେକ ଶିକ୍ଷିତ ଇଞ୍ଜିନିୟର ତଥା ଅନ୍ୟାନ୍ୟ ଶିକ୍ଷା ନେଇ ଜିଲ୍ଲାର ବିଭିନ୍ନ ଶିଳ୍ପରେ ୫୦ରୁ ୮୦ ହଜାର ଟଙ୍କା ଦରମାରେ କାମ କରୁଥିଲେ । ସେମାନେ ସହରର ବିଭିନ୍ନ ଭଡା ଘରେ ରହିବା ସହ ଆଖ ପାଖ ଦୋକାନରେ ଖାଇବା ଓ ଗାଡି ବ୍ୟବହାର ମଧ୍ୟ କରୁଥିଲେ । ସେମାନଙ୍କ ପିଲା ମାନେ ପଢୁଥିବା ଯାଗାରେ ଶିକ୍ଷକ ଓ ବିଦ୍ୟାଳୟ ମଧ୍ୟ ଲାଭବାନ୍ ହେଉଥିଲେ । ମୋଟା ମୋଟି ସହରରେ ଥିବା ହଜାର ହଜାର ଏହିଭଳି ଲୋକଙ୍କ ଭିତରୁ ବର୍ତମାନ ଶୁଦ୍ଧା ୪୦ ପ୍ରତିଶତ ଲୋକେ ସହର ଛାଡି ଚାଲିଯାଉଥିବାରୁ ଏମାନଙ୍କୁ ନେଇ ଚଳୁଥିବା ଲୋକେ ମଧ୍ୟ ପ୍ରଭାବିତ ହେବାରେ ଲାଗିଥିବାର ଦେଖାଯାଇଛି । ବର୍ତମାନ ଏମାନେ କର୍ଣାଟକ, ବାଙ୍ଗାଲୋର, ଦିଲ୍ଲୀ, ହରିଆଣା, ସୁରଟ ସମେତ ଓଡିଶାର କିଛି ସ୍ଥାନକୁ ଚାଲିଯାଉଥିବା ଖବର ମିଳିଛି । ଏମାନଙ୍କ ସହ କିଛି ଓଡିଶା ପିଲା ଯେଉଁମାନେ ଏହି ଶିକ୍ଷିତ ଲୋକ ମାନଙ୍କ ସହ ମିଶି କଳ କାରଖାନରେ କାମ କରୁଥିଲେ ସେମାନେ ମଧ୍ୟ ସେମାନଙ୍କ ସହ ଚାଲିଯାଉଥିବା ଜଣାପଡିଛି । ଏହାଦ୍ୱାରା କଳ କାରଖାନାରେ ଏଭଳି ଲୋକ ମାନଙ୍କ ସଂଖ୍ୟା କମିବାରେ ଲାଗିଛି । ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ଉପରେ ଚାପ ବଢିବାରେ ଲାଗିଛି । ପାନ ଦୋକାନୀ, ଜଳଖିଆ ଦୋକାନୀ, ଘର ଭଡା ଦେଉଥିବା ଲୋକଙ୍କ ହିସାବରେ ବିଗତ ୩ ମାସ ଧରି ଏଭଳି ସମସ୍ୟା ଲାଗିରହିଛି । ଲକଡାଉନ ବେଳେ ସମସ୍ୟା ଥିଲା, ବର୍ତମାନ ଧିରେ ଧିରେ ବଜାର ଧରିବା ସହ ବେପାର ବଣିଜ ସ୍ୱାଭାବିକ୍ ହେବାରେ ଲାଗିଛି । କିନ୍ତୁ, ଅଧା ଦରମା ବ୍ୟବସ୍ଥାକୁ କିଛି ଲୋକ ଧରି ବସୁଥିବାରୁ ରାଉରକେଲାରୁ ଏମାନେ ଛାଡିବା ସହ ସହରର ଆର୍ଥିକ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବା ସ୍ୱାଭାବିକ୍ । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଯଦି ଏସବୁ ଉପରେ ନଜର ନଦିଅନ୍ତି ତେବେ ଏହି ସମସ୍ୟା ଆଗକୁ ବଢିବା ସହ ସମସ୍ତେ ଏହାଦ୍ୱାରା ଏକ ପ୍ରକାର ପ୍ରଭାବିତ ହେବେ ବୋଲି କୁହାଯାଉଛି ।

# ମାଶିରିପଡ଼ା ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା

କନ୍ଧମାଳ,୨୪।୧୧ (ନି.ପ୍ର): କନ୍ଧମାଳ ଜିଲା ରତଙ୍ଗ ପଂଚାୟତ ଅନ୍ତର୍ଗତ ମାଶିରିପଡ଼ା ଗ୍ରାମ ଠାରେ ଆଜି କୋଭିଡ୍ ନିୟମ ପ୍ରକାରେ 'ଚାଇଲ୍ଡ ଲାଇନ ସେ ଦୋସ୍ତି ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୋଭିଡ୍ ନିୟମ ପ୍ରକାରେ ଶିଶୁ ମାନଙ୍କ ମଧ୍ୟରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଭିନ୍ନ ଖେଳ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଇଲ୍ଡଲାଇନର ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଫିରିଙ୍ଗିଆ ସି.ଡ଼ି.ପି.ଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଶ୍ରୀମତି ମଂଜୁଲା ପ୍ରଧାନ, ସମ୍ମାନିତ ଅତିଥିଭାବେ ରତଙ୍ଗ ସରପଂଚ କୁଞ୍ଜବନ ମଲିକ, ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି ଶ୍ରୀମତି ସ୍ୱାତୀତନୟା ମିଶ୍ର, ସୁପରଭାଇଜର ବୈଜୟନ୍ତି ମଲିକ, ମହିଳା ସ୍ୱାସ୍ଥ୍ୟ କର୍ମୀ ଝିଲି ନାୟକ, ଫିରିଙ୍ଗିଆ ଥାନା ଏସ୍.ଆଇ. ଉଦ୍ଦେଶ୍ୱର ଆଚାର୍ଯ୍ୟ, ଗ୍ରାମ ମୁଖିଆ କନେଶ୍ୱର ମଲିକ, ୱାର୍ଡ଼ ସଭ୍ୟ କେରେ କହଁର, ଅଙ୍ଗନୱାଡ଼ି କର୍ମୀ ବସୁମତି ମଲିକଙ୍କ ସମେତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠି ଓ କିଶୋରୀ ବାଳିକା ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଟିମ୍ ସଭ୍ୟ ଶିବ ଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିକୁନ୍ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜିକା ରଂଜିତା କମ୍ପ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଗ୍ରାମର ଶିଶୁମାନେ ଅତିଥିମାନଙ୍କୁ ସୁରକ୍ଷାର ଡ଼ୋରି ବାନ୍ଧିଥିଲେ । ତେବେ ଗତ ଏକ ବର୍ଷ ମଧ୍ୟରେ ଉକ୍ତ ଗ୍ରାମରେ ଗୋଟିଏ ମଧ୍ୟ ବାଲ୍ୟ ବିବାହ ହୋଇନଥିବା ଯୋଗୁଁ ଉକ୍ତ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା । ଗ୍ରାମର ଇଷ୍ଟଦେବୀ ମା ପିତାବଳୀଙ୍କୁ ସାକ୍ଷିରଖି ସମବେତ ଭାବେ ଶପଥପାଠ କରାଯାଇଥିଲା । ଅନୁଷ୍ଠିତ ପ୍ରତିଯୋଗିତାତଙ୍କୁ ଟିମ୍ ସଭ୍ୟା ରାଜଲକ୍ଷ୍ମୀ ମହାକୁଡ଼ ଓ ସଭ୍ୟ ଅନୁପ କୁମାର ସାହୁ ପରିଚାଳନା କରିଥିବା ବେଳେ ଦିଲ୍ଲିପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନଲାଇନ୍ ଶିକ୍ଷା ବ୍ୟବସ୍ଥାକୁ ନେଇ କ୍ଷୁଦ୍ର ଚଳଚିତ୍ର

ଜୟପୁର,୨୪।୧୧ (ନି.ପ୍ର): କୋରନା ସମୟରେ ରାଜ୍ୟ ସରକାର ବିଦ୍ୟାଳୟ ବନ୍ଦ ଥିବାବେଳେ କିଭଳି ଛାତ୍ର ଛାତ୍ରୀ ମାନେ ଶିକ୍ଷା ଜାରି ରଖିବେ ସେନେଇ ଅନ ଲାଇନ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ଜାରି ରଖିଛନ୍ତି । କିନ୍ତୁ ଏହି ଅନ ଲାଇନ ଶିକ୍ଷା ସହରାଂଚଳର ଛାତ୍ରଛାତ୍ରୀଙ୍କ ପାଇଁ ସହଜ ହୋଇଥିବା ବେଳେ ଉପାନ୍ତ ଅଂଚଳ ଗୁଡିକରେ ରହୁଥିବା ଗରିବ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଏହି ଶିକ୍ଷାରୁ ବଂଚିତ ହେଉଛନ୍ତି । ବିଶେଷ କରି କୋରାପୁଟ ଜିଲାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହାକୁ ଆଧାର କରି ସରକାର ଅନ ଲାଇନ ଶିକ୍ଷା ବ୍ୟବସ୍ଥା ଗ୍ରାମା ଳରେ ବାସ୍ତବ ସ୍ଥିତି କିପରି ଅଛି ତାହାକୁ ନେଇ ଜୟପୁର ର କଳାକାରଙ୍କ ଦ୍ୱାରା ୨୦ ମିନିଟର ମାଳିପୁଟ ଅପ ଲାଇନ ନାମକ ସର୍ଟ ଫିଲ୍ମ ପ୍ରସ୍ତୁତ କରାଯାଇଛି । ଗତ ସେପ୍ଟମ୍ବର ୫ ତାରିଖରୁ ଅନେକ ଗ୍ରାମାଂଚଳର ଦୃଶ୍ୟକୁ ନେଇ ୬ ଜଣ କଳାକାର ସହ ୨ ଜଣ ଶିଶୁ କଳାକାର କୁ ନେଇ ଚଳଚିତ୍ର ନିର୍ମାଣ ହୋଇଛି । ୨୨ ନଭେମ୍ବର ଦିନ ଜୟପୁର ସହର ରିଲିଜ ହୋଇଛି । ବିଶେଷ କରି ଏହି ଚଳଚିତ୍ରଟି ସରକାରଙ୍କ ଶିକ୍ଷା ବ୍ୟବସ୍ଥାରେ ପରବର୍ତନ ଆଣିବା ସମୟରେ ଗ୍ରାମାଂଚଳରେ ଭିତିଭୁମି ଯୋଗାଇଦେବାର ଆବଶ୍ୟକତା କୁ ଦର୍ଶାଇବା ପାଇଁ ଏହି ଚଳଚିତ ଟି ପ୍ରସ୍ତୁତ କରାଯାଇଥିବା ଚଳଚିତ୍ର ରେ ଅଭିନୟ କରିଥିବା କଳାକାର ମହମ୍ମଦ ସାରିଫ, ସଂଧ୍ୟାରାଣୀ ପଟ୍ଟନାୟକ, ଶିଶିର ଦାସ, ନିରଞ୍ଜନ ପାଣିଗ୍ରାହୀ, ରଘୁ ନାଥ ବିଶ୍ୱାଳ, ଅମିତ ଦାସ, ସାନ ଖେମୁଣ୍ଡୁ, ପ୍ରତିସ ବିଶ୍ୱାଳ ।

# ଗୋଷ୍ଠାଷ୍ଟମୀ ଉପଲକ୍ଷେ ନନ୍ଦିନୀ ଗୋଶାଳାର ଗୋ-ପୂଜନ

ଜଳେଶ୍ୱର,୨୪।୧୧ (ନି.ପ୍ର): ସାମ୍ପ୍ରତିକ ସମାଜରେ ଗୋରୁ-ଗାଈଙ୍କର ଆଦର କମୁଥିବା ବେଳେ କେତେକ ସଂସ୍ଥା ଗୋ-ପୂଜନର ବ୍ୟବସ୍ଥା କରୁଛନ୍ତି । ତେଣୁ ଗତ ରବିବାର ଗୋଷ୍ଠାଷ୍ଟମୀ ଉପଲକ୍ଷେ ଜଳେଶ୍ୱର ପୌରପରିଷଦ ଅଧିନ ନନ୍ଦିକା ଗ୍ରାମରେ ନନ୍ଦିନୀ ଗୋଶାଳା ପକ୍ଷରୁ ଗୋ ପୂଜନ ଅନୁଷ୍ଠିତ ହୋଇଥିଲା । ଏହି ଗାଁରେ ଥିବା ସମସ୍ତ ବଳଦ ଓ ଗାଈ କୁ ଗୋ ପୂଜନ କରିଥିଲେ । ଆୟୋଜିତ ସଭାରେ ପ୍ରାଧ୍ୟାପକ ହେମନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ । ଏଥିରେ ରବିନ୍ଦ୍ର କୁମାର ପାତ୍ର ଏପରି କାର୍ଯ୍ୟକ୍ରମର ଆବଶ୍ୟକତା, ଗୋବର ଓ ଗୋମୂତ୍ରରର ଉପକାରୀତା ଏବଂ ଶାସ୍ତ୍ରମତେ ଗୋ ପୂଜନ କଲେ ଏହାର ଫଳଫଳ ସଂପର୍କରେ ବ୍ୟାକ୍ଷା କରିଥିଲେ । ଅନନ୍ତ କୁମାର ଦାସ, ଲେଲିନ୍ କୁମାର ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଫାଲଗୁନୀ ପାଣିଗ୍ରହୀ ଧନ୍ୟବାଦ ଅର୍ପଣ କରିଥିଲେ । ନନ୍ଦିକା ଗ୍ରାମର ମୁଖ୍ୟ ରବିନ୍ଦ୍ର କୁମାର ଭଂଜ, ମୁକ୍ତରାମ ପାତ୍ର, ଘନଶ୍ୟାମ ପାତ୍ର, ପାର୍ଥସାରଥି ଭଂଜ, ରାମଚନ୍ଦ୍ର ପାତ୍ର, ସତ୍ୟରଂଜନ ଭଂଜ, ସୁମିତ୍ ରାଠୀ, ଅରୁଣ କୁମାର ଦାସ, ପର୍ଣ୍ଣେନ୍ଦୁ ପାଣିଗ୍ରାହୀ, ପ୍ରହଲ୍ଲାଦ ପାଣିଗ୍ରାହୀ, ଜଗନ୍ନାଥ ଭଂଜ ଓ ପରାମାନନ୍ଦ ଭଂଜ ପ୍ରମୁଖ ଏହି କାର୍ଯ୍ୟକମକୁ ପରିଚାଳନା କରିଥିଲେ ।

# ଖଡିଆଳ ଉପଖଣ୍ଡ ଡାକ୍ତରଖାନା ରାସ୍ତା ପ୍ରଶସ୍ତ କରିବାକୁ ଦାବୀ

ନୂଆପଡା,୨୪।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ମଧ୍ୟସ୍ଥଳରେ ଥିବା ଉପଖଣ୍ଡ ଡାକ୍ତରଖାନା ସ୍ଥାନାନ୍ତରୀତ ହୋଇ ଚନାବେଡା ଗ୍ରାମ ନିକଟକୁ ଯାଇଛି । ଏହି ସଡକକୁ ସହରୀ ଆଲୋକୀକରଣ ଯୋଜନାରେ ୨ ବର୍ଷ ପୂର୍ବରୁ ଯୋଜନା ହୋଇ ତାର ସର୍ଭେ ରିପୋର୍ଟ ସରକାରଙ୍କୁ ପଠାଇଥିଲେ । ଗ୍ରୀନ ଫିଲ୍ଡ ନାମକ ସଂସ୍ଥା କାମ କରି ସହରୀ ଆଲୋକ ସେବା ପ୍ରଦାନ ପାଇଁ ସବୁ କାର୍ଯ୍ୟ ଶେଷ କରିଅଛି । ସଡକ ଆଲୋକମୟ ହୋଇ ଯାତାୟତ ନେଇ ଅନେକ ସୁବିଧା ମିଳୁଥିବା ଜଣସାଧାରଣ ପ୍ରକାଶ କରୁଛନ୍ତି । କିନ୍ତୁ ଏହି ସଡକ ବର୍ତ୍ତମାନ ବ୍ୟସ୍ତ ହୋଇପଡୁଛି । ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଖଡିଆଳ ଉପକାରାଗାର, ଖଡିଆଳ ଅଗ୍ନିସେବା କେନ୍ଦ୍ର କାର୍ଯ୍ୟାଳୟ ମାନ ରହିଅଛି । ତହସିଲ, ସବ ଜର୍ଜ କୋର୍ଟ ମଧ୍ୟ ରହିଅଛି । ଦିନକୁ ଦିନ ଏହି ସଡକ ଦେଇ ଗ୍ରାମାଞ୍ଚଳ ଓ ପଡୋଶି ବଲାଙ୍ଗିର ଜିଲ୍ଲାକୁ ସଂଯୋଗ କରୁଅଛି । ଖଡିଆଳ ବ୍ଲକ ଛକ ଠାରୁ ପବିତ୍ର ହରିଶଙ୍କର ପର୍ଯ୍ୟଟନ ସ୍ଥଳୀ ପାଇଁ ରାସ୍ତା ରହିଛି । ତେଣୁ ଖଡିଆଳ ଠାରୁ ହରିଶଙ୍କର ଭାୟା ଭୂଲିଆସିକୁଆଁ, ମହଖଣ୍ଡ, ତୁରେକେଲା, ଲାଠୋରକୁ ଏକ ରାଜ୍ୟ ରାଜପଥ ନିର୍ମାଣ ପାଇଁ ଯୋଜନା ଆବଶ୍ୟକ ରହିଅଛି । ସ୍ଥାନୀୟ ପ୍ରତିନିଧି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ପର୍ଯ୍ୟଟନର ବିକାଶ ସାଙ୍ଗକୁ ସାମାଜିକ ସମ୍ପର୍କ, ବ୍ୟବସାୟ, ଗମନାଗମନର ସୁବ୍ୟବସ୍ଥା ହୋଇପାରିବ ।

# ୧୨ କିଲୋ ଗଞ୍ଜେଇ ସମେତ କାର ଜବତ ୪ ଗିରଫ

କନ୍ଧମାଳ,୨୪।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡା ଥାନା ପୁଲିସ ଏକ ମାରୁତୀ କାର ଭିତରୁ ୧୨ କିଲୋ ଗଞ୍ଜେଇ ଜବତ କରିବାସହିତ ଏହି ସଂକ୍ରମାନ୍ତରେ ୪ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଆଜି ଭୋର ପ୍ରାୟ ୫ଟା ବେଳେ ଖଜୁରିପଡା ଅାଂଚଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ପୁର୍ବ ସୂଚନା ପାଇବାପରେ ଖଜୁରିପଡା ଥାନା ପୁଲିସ ସଜାଗ ହୋଇ ଗାଡିମଟର ତଲାସି କରିଥିଲା । ଖଜୁରିପଡା ମୁଖ୍ୟ ବଜାରଠାରେ ଗୋଟିଏ ମାରୁତି ଅଲଟୋ କାର (ଓ.ଆର.୦୨-ଏ.ଟି-୫୧୯୦)କୁ ତଲାସି ନେବାବେଳେ ସେଥିରୁ ପୁଲିସକୁ ସେଥିରୁ ଗୋଟିଏ ବସ୍ତାରେ ୧୨ କିଲୋ ଗଞ୍ଜେଇ ମିଳିଥିଲା । ପୁଲିସ ଏହି କାର ସମେତ ଗଞ୍ଜେଇକୁ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଖୋର୍ଦ୍ଧା ଜିଲ୍ଲାର ସନ୍ତୋଷ କୁମାର ରାଉତ, ସଞ୍ଜୟ କୁମାର ମହାରଣା,ଚିତରଞ୍ଜନ ସାହୁ ଏବଂ ସୁଧାକର ମହାରଣା ସମେତ ୪ ଜଣଙ୍କୁ ଗିରଫ କରିଛି । ଏହି ସଂକ୍ରାନ୍ତରେ ଖଜୁରିପଡା ଥାନାରେ ଏକ ମାମଲା ୧୧୦/୨୦୨୦ ରୁଜ୍ଜୁ କରାଯାଇ ଅଭିୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ସୂତ୍ରରୁ ଜଣାପଡିଛି । ସେମାନେ ଏହି ଗଞ୍ଜେଇକୁ ଭୁବନେଶ୍ୱରକୁ ଚାଲାଣ କରୁଥିଲେ ବୋଲି ଥାନା ଅଧିକାରୀ ରମାକାନ୍ତ ପାତ୍ର କହିଛନ୍ତି ।

# ଟ୍ରକ ଧକ୍କାରେ ୨ ବାଇକ ଆରୋହୀ ମୃତ ଜଣେ ଗୁରୁତର

କନ୍ଧମାଳ,୨୪।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ଗୋଟିଏ ବାଇକକୁ ଟ୍ରକ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଦୁଇଜଣ ବାଇକ ଆତୋହୀଙ୍କ ମୃତ୍ୟୁ ହୋଇଛି । ଆଉ ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳରେ ଭର୍ତି କରାଯାଇଛି । ସୂଚନା ଅନୁସାରେ ଆଜି ଦିନ ପ୍ରୟ ଗୋଟାଏ ବେଳେ ଫିରିଙ୍ଗିଆ ବ୍ଲକ ଅଂଚଳର ଲୁଇସିଂ ଗ୍ରାମ ପଂଚାୟତର ଲାଠିକୁମ୍ପା ଗ୍ରାମର ସଦାନନ୍ଦ କହଁର(୨୨) ତାଙ୍କ ଭଉଣି କମଳିନୀ କହଁର(୨୦)କୁ ଏକ ବାଇକ(ଓଡି-୧୨-ସି ୫୯୧୮)ରେ ନେଇ ଫୁଲବାଣୀକୁ କୌଣସି କାମରେ ଆସୁଥିଲେ । ନମେରବାଲି ଘାଟିରେ ଫୁଲବାଣୀ ପଟରୁ ପିଡିଏସ ଚାଉଳ ନେଇ ଗୋଛାପଡା ଆଡକୁ ଯାଉଥିବା ଏକ ଟ୍ରକ(ଓ.ଆର-୦୯-ଜେ-୪୩୨୯) ସହିତ ଏହି ବାଇକର ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ କମଳିନୀ ଏବଂ ତାଙ୍କ ସହିତ ଥିବା ଆଉ ଜଣେ ଭାଇ ପ୍ରମୋଦ କହଁର(୧୮)ଙ୍କର ମୃତ୍ୟୁ ହୋଇଥିଲା । ବାଇକ ଚାଳକ ସଦାନନ୍ଦ ଗୁରୁତର ଭାବରେ ଆହତ ହୋଇଥିଲେ । ଖବର ପାଇଁ ସ୍ଥାନୀୟ ଲୋକେ ଏବଂ ଗୋଛାପଡା ଥାନା ପୋଲିସ ସେଠାରେ ପହଂଚି ଆହତଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତି କରିଥିଲେ । ମୃତକ ମାନଙ୍କର ଶବକୁ ବ୍ୟବଛେଦ ପାଇଁ ପଠାଇବାସହିତ ଏହି ସଂକ୍ରାନ୍ତରେ ଏକ ମାମଲା ୯୪/୨୦୨୦ ରୁଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଗୋଛାପଡା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି । ତେବେ ଟ୍ରକ ଡ୍ରାଇଭର ଲକ୍ଷ୍ମୀକାନ୍ତ ବେହେରା ଟ୍ରକ ସମେତ ଗୋଛାପଡା ଥାନାରେ ଆତ୍ମସମର୍ପଣ କରିଥିବା ନେଇ ଗୋଛାପଡା ଥାନା ଅଧିକାରୀ କହିଛନ୍ତି ।

# ବିଜେଡିରେ ଯୋଗଦେଲେ ଶତାଧିକ ବ୍ୟକ୍ତି



ଗୁଣୁପୁର,୨୪।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧିର ଦାସଙ୍କ ଉପସ୍ଥିତିରେ ଦୁର୍ଗୀସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ବିଜେଡିର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ଏଥିରେ ଗୁଡାରି ବ୍ଲକ ପେଣ୍ଡିଲି ପଂଚାୟତର ଗୌଡଢେପାଗୁଡ଼ା ଗ୍ରାମର ଶତାଧିକ ବ୍ୟକ୍ତି ସମିତି ସଭ୍ୟା ବିରାଜିନି ଗୌଡ଼ଙ୍କ ନେତୃତ୍ୱରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି ।ବରିଷ୍ଠ ବ୍ୟକ୍ତି ସୂର୍ଯ୍ୟ ନାରାୟଣ ମହାକ୍କୁଡ, କୈଳାସ ଲାବଲା, ନିଳାଞ୍ଚଳ ଗୌଡ଼, ବାଳକୃଷ୍ଣ ଗୌଡ଼, ଅଭିମନ୍ୟୁ ଗୌଡ଼, ନକୁଳ କୈବର୍ତ୍ତ ଏବଂ ବାରିକ ଗୌଡ଼ ମଧ୍ୟ ବିଜେଡିର ବିକାଶ ଏବଂ ଆଦର୍ଶକୁ ସମ୍ମାନ ଦେଇ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଜିଲ୍ଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ଗୁଡାରି ବ୍ଲକର ବରିଷ୍ଠ ବିଜେଡି କର୍ମୀ ସନ୍ତୋଷ ମହାନ୍ତି, ଗଙ୍ଗା ଗାମଙ୍ଗ, ଏମ ପ୍ରସାଦ ରାଓ ଏବଂ କୃପାସିନ୍ଧୁ ଶବର ଯୋଗ ଦେଇଥିଲେ ।

# ହାର ମାନିନାହାନ୍ତି ଦିବ୍ୟାଙ୍ଗ, ଆତ୍ମନିର୍ଭରଶୀଳ ହୋଇ କରୁଛନ୍ତି ପରିବାର ପ୍ରତିପୋଷଣ

ନୂଆପଡା,୨୪।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ପଞ୍ଚାୟତର ମାଲପଡା ନିବାସୀ ସୀମାଞ୍ଚଳ ମେହେର ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ହାର ମାନି ନାହାନ୍ତି । ନିଜ ଉଦ୍ୟମ ଓ ଉପାୟରେ ଏକ ଲୁନା ଗାଡିର ପଛପଟେ ଏକ ରିକ୍ସାକୁ ବାନ୍ଧି ନିଜ ବ୍ୟବସାୟ କରୁଛନ୍ତି । ଆତ୍ମନିର୍ଭରଶୀଳ ହେବା ପାଇଁ ଗ୍ରାମ ଗ୍ରାମ ବୁଲି ବ୍ୟବସାୟ କରୁଛନ୍ତି । ସେଥିରୁ ଯାହା ରୋଜଗାର ହୋଇଥାଏ ପରିବାର ଚଳିଥାନ୍ତି । ହେଲେ ସୀମାଞ୍ଚଳଙ୍କ ପାଖରେ ନା ଅଛି ଦିବ୍ୟାଙ୍ଗ ପ୍ରମଣାପତ୍ର ନାଅଛି ସରକାରୀ ଦିବ୍ୟାଙ୍ଗ ଭତ୍ତା । ତଥାପି ସେ ହାର ମାନି ନାହାନ୍ତି । ନିଜ ଉପାୟରେ ନିଜେ ବିନ୍ଧାଣି ସାଜି ବ୍ୟବସାୟ କରୁଛନ୍ତି । ତଙ୍କର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଜିଲ୍ଲା ପ୍ରଶାସନ ସୀମାଞ୍ଚଳକୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ ସହ ଏକ ୩ ଚକିଆ ଗାଡି ପ୍ରଦାନ କଲେ ସେ ଠିକ ଭାବରେ ବ୍ୟବସାୟ କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି ।

# ଉପାନ୍ତରେ କବାଡି ଟୁର୍ଣ୍ଣାମେଣ୍ଟ : ବାଲିଆପାଳ ଟିମ୍ ବିଜୟୀ

ଜଳେଶ୍ୱର,୨୪।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ପଂଚାୟତର ଭଂଣ୍ଡାରୀପଲ୍ଲୀ ଗାଁରେ ଜଗଧାତ୍ରୀପୂଜା ଉପଲକ୍ଷେ ଏକ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ମନୋରଂଜନ ଦେ ଉଦ୍‌ଘାଟନ କରି ଖେଳରୁ ମେଳି ଓ ସ୍ୱାସ୍ଥ୍ୟ ସଂପଦର ସୁରକ୍ଷା କରାଯାଇଥାଏ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଶିକ୍ଷକ ରମାକାନ୍ତ ଦାସ ଓ ମୁଖ୍ୟବକ୍ତାଭାବେ ପଦ୍ମଲୋଚନ ବିଶ୍ୱାଳ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣମେଣ୍ଟରେ ଭଦୁଆ ଟିମ୍, ଉପରତୋଟା ଟିମ୍, ଜଳେଶ୍ୱର ହୋଣ୍ଡା ସୋରୁମ୍ ଟିମ୍, ଗୁରୁଦାସପୁର ଟିମ୍, ବାଲେଶ୍ୱର ଟିମ୍, ଭଣ୍ଡାରୀପଲୀ କ ଓ ଖ ଟିମ୍ ଏବଂ ବାଲିଆପାଳ ଟିମ୍ ମଧ୍ୟରେ ସଂଘର୍ସପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଫାଇନାଲରେ ବାଲିଆପାଳ ଟିମ୍ ଓ ଭଣ୍ଡାରୀପଲ୍ଲୀ କ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବାଲିଆପାଳ ଟିମ୍ ଶୀର୍ଷସ୍ଥାନ ଅଧିକାର କରି ଟ୍ରଫି ହାସଲ କରିଛି । ଗ୍ରାମାଂଚଳରେ ଏହି ଖେଳ ଦେଖିବାକୁ ଉତ୍ସାହ ପ୍ରକାଶ ପାଇଥିଲା ।

# ଟୁବିହୁଡା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ନକରିବାକୁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୨୪।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କଳପଡା ଗ୍ରାମ ପଂଚାୟତ ର ଟୁବିହୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମାର୍ଶାଘଇ ବ୍ଲକ ଏକ ସ୍କୁଲକୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତି ନିଆଯାଇ ଥିବାରୁ ସ୍କୁଲ କମିଟିର ସଦସ୍ୟ ଓ ଗ୍ରାମବାସୀ ମାନେ ଏହାକୁ ବିରୋଧ କରିବା ସହ ସ୍ଥାନାନ୍ତର ନକରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୩୩ ଥିବାବେଳେ ଏହାକୁ ମିଶ୍ରଣ ନକରିବା ପାଇଁ ଚକ୍ରଧର ଦାସ, ନେତ୍ରାନନ୍ଦ ବସନ୍ତିଆ, ଉପେନ୍ଦ୍ର ନାୟକ, ମମତା ସାମଲ, ନନ୍ଦିନୀ ପ୍ରଧାନ, ଜୟନ୍ତି ପ୍ରଧାନ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି ଜଣାଇଛନ୍ତି ।

# ଯୁବକ ଯୁବତୀଙ୍କୁ ନିଯୁକ୍ତି ଦାବିରେ ଦାବିପତ୍ର

ଜୟପୁର ,୨୪।୧୧ (ନି.ପ୍ର): ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦାବୀରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜିଲାବାସୀ ତରଫରୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ୧୫ ଅଗଷ୍ଟରେ ଜିଲା ଶିକ୍ଷା ବିଭାଗ ତରଫରୁ କନିଷ୍ଠ କିରାଣି ତଥା ଆକାଉଂଟାଂଟ ପଦବୀ ସକାଶେ ଏକ ବିଜ୍ଞାପନ ଦିଆଯାଇଥିଲା । ଏଥି ସକାଶେ ବହୁ ଆଶାୟୀ ପ୍ରାର୍ଥୀ ମଧ୍ୟ ଆବେଦନ କରିଛନ୍ତି । ଅଧିକାଂଶ ବାହାର ଜିଲାର ପ୍ରାର୍ଥୀ ମଧ୍ୟ ଆବେଦନ କରିଛନ୍ତି । ଯଦ୍ୱାରା କୋରାପୁଟ ଜିଲାର ଆଶାୟୀ ପ୍ରାର୍ଥୀ ମାନଙ୍କର ସ୍ୱାର୍ଥ ହାନି ହେଉଛି । ସେଥି ପାଇଁ ଶିକ୍ଷା ବିଭାଗ କୋରାପୁଟ ଜିଲାର ଆଶାୟୀ ପ୍ରାର୍ଥୀ ମାନଙ୍କୁ ଛାଡି ଅନ୍ୟ ଜିଲାର ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ ମେରିଟ ଲିଷ୍ଟ ରୁ ବାଦ ଦିଆଯାଉ ନହେଲେ କୋରାପୁଟ ଜିଲା ବାସିନ୍ଦା ତରଫରୁ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବୀ ପତ୍ର ପ୍ରଦାନ ସମୟରେ ରବିନ୍ଦ୍ର ମହାପାତ୍ର, ଗଙ୍ଗା ସାହୁ, ଅଭି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାମୁଝରୀ ପଂଚାୟତରେ ୧୮୫ ଏକର ଯାଗାର ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କଲା ପୁଲିସ

କନ୍ଧମାଳ,୨୪।୧୧ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦରଥାନା ଅଂଚଳରେ ଥିବା ଜାମୁଝରୀ ପଂଚାୟତ ଅନ୍ତର୍ଗତ ବିଭିନ୍ନ ୩ଟି ଗ୍ରାମର ଜଙ୍ଗଲ ଜମିରେ କରାଯାଇଥିବା ବେଆଇନ ଗଞ୍ଜେଇ ଚାଷ ଗଛକୁ କାଟି ନଷ୍ଟ କରାଯାଇଛି । ସଦରଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ସୂଚନା ଅନୁସାରେ ଆଜି ସକାଳୁ ଫୁଲବାଣୀ ଡେପୁଟି କଲେକ୍ଟର ବିରେନ୍ଦ୍ର କହଁର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଏହି ଅଭିଯାନରେ ଯୋଗ ଦେଇଥିଲେ । ସଦରଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଏସ.ଆଇ ଏଲ.ତାଣ୍ଡି ଏବଂ କର୍ମଚାରୀଙ୍କ ସମେତ ଏଥିରେ ୨ ପ୍ଲାଟୁନ ଶସସ୍ତ୍ର ପୁଲିସ ଜବାନ ଯୋଗ ଦେଇଥିଲେ । ୫୦ ଜଣ ଶ୍ରମିକଙ୍କୁ ନେଇ ଜାମୁଝରୀ ପଂଚାୟତର ଟଡ୍ରି, ଶ୍ରୀକାଡି ଏବଂ ଜାମୁଝରୀ ଗ୍ରାମ ଅଂଚଳରେ ଥିବା ଜଙ୍ଗଲ ଜମିରେ କରାଯାଇଥିବା ୧୮୫ ଏକର ଯାଗର ଗଞ୍ଜେଇ ଚାଷକୁ କାଟି ସେଠାରେ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ଏହାର ଆନୁମାନିକ ମୁଲ୍ୟ ଏକ କୋଟି ୮୫ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ କହିଛନ୍ତି । ଏହି ସଂକ୍ରନ୍ତରେ ଫୁଲବାନୀ ସଦର ଥାନାରେ ଏକ ମାମଲା ୧୧୧/୨୦୨୦ ରୁଜ୍ଜୁ କରାଯାଇ ଥିବା ନେଇ ପୁଲିସ ସୂତ୍ରରୁ ଜଣାପଡିଛି ।

# ପର୍ଯ୍ୟଟନ ସ୍ଥଳୀ କଟକଣାକୁ ବଡ଼ ବଡ଼ିଆଙ୍କ ବେଖାତିର୍

କନ୍ଧମାଳ,୨୪।୧୧ (ନି.ପ୍ର): ବର୍ତମାନ ପର୍ଯ୍ୟଟନର ସମୟ । ତଥାପି କରୋନା ସଂକ୍ରମିତ ଭୟଥିବା କାରଣରୁ ବିଗତ ଦିନରେ ଖୋଦ୍ କନ୍ଧମାଳ ଜିଲାପାଳ ଜିଲାର ପର୍ଯ୍ୟଟନ ସ୍ଥଳକୁ ପର୍ଯ୍ୟଟକ ମାନଙ୍କ ଆସିବାକୁ ବାରଣ ପାଇଁ କଡ଼ା ନିର୍ଦ୍ଦେଶ ନାମା ଜାରି କରିଛନ୍ତି । ଆସନ୍ତା ଡ଼ିସେମ୍ବର ପହିଲା ପର୍ଯ୍ୟନ୍ତ ପର୍ଯ୍ୟଟନ ସ୍ଥଳକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ଏନେଇ ସମସ୍ତ ଥାନା, ବ୍ଲକ ଓ ତହସିଲକୁ ମଧ୍ୟ ଏ ଦିଗରେ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ବହୁ ପଦକ୍ଷେପ ଗ୍ରହଣ କରାଯାଇ ପର୍ଯ୍ୟଟକ ମାନଙ୍କୁ ପର୍ଯ୍ୟଟନ ସ୍ଥଳକୁ ଯିବାକୁ ବାରଣ ମଧ କରୁଛନ୍ତି । ତେବେ ଏଭଳି ସ୍ଥଳେ କିଏ ଏହି ନିର୍ଦ୍ଦେଶନାମାକୁ ମାନୁଥିବା ବେଳେ କେତେକ ସଂପୂର୍ଣ୍ଣଭାବେ ଅଣଦେଖା କରୁଥିବାର ଅଭିଯୋଗ ହୋଇଛି । ଏଭଳି ସ୍ଥଳେ ଆଜି ଫୁଲବାଣୀ ଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ପୁଟୁଡ଼ି ଜଳପ୍ରପାତକୁ ଜୋର ଜବରଦସ୍ତ କିଛି ବଡ଼ ବଡ଼ିଆ ପ୍ରବେଶ କରିବା ଘଟଣା ସାଧାରଣରେ ବେଶ୍ ଆଲୋଚ୍ୟର ବିଷୟ ହୋଇଛି । ପର୍ଯ୍ୟଟନ ସ୍ଥଳ ପ୍ରବେଶ ଦ୍ୱାରରେ ଥିବା କିଛି ତଳିଆ କର୍ମଚାରୀଙ୍କୁ ନାଲିଆଖି ଦେଖାଇ ଭୟଭିତ କରି ଆଜି କେତେକ ବଡ଼ ବଡ଼ିଆ ଜୋର ଜବରଦସ୍ତ ଉକ୍ତ ପର୍ଯ୍ୟଟନ ସ୍ଥଳକୁ ଯାଇଥିବାର ଦେଖାଯାଇଛି । ଏପରିକି ଏମାନେ ଖୋଲାଖୋଲି ଭାବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର୍ କରୁଥିବାର ମଧ ଅଭିଯୋଗ ହୋଇଛି । ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ ପ୍ରକାରେ ଫୁଲବାଣୀ ସଦର ଥାନା ପକ୍ଷରୁ ପୁଟୁଡ଼ି ଜଳ ପ୍ରପାତର ପ୍ରବେଶ ଦ୍ୱାରରେ ବାଉଁଶ ପକାଇ ୨ ଜଣ କର୍ମଚାରୀ ସେଠାରେ ଜଗୁଛନ୍ତି । ଜିଲା କିମ୍ବା ଜିଲା ବାହାରୁ ଯେଉଁ ସବୁ ପର୍ଯ୍ୟଟକ ମାନେ ଅଜାଣତରେ ଆସୁଛନ୍ତି ସେମାନଙ୍କ ବୁଝାସୁଝା କରି ଫେରାଉଥିଲେ ମଧ କିଛି ବଡ଼ ବଡ଼ିଆ ନିଜର ପରିବାର ଓ ଅନ୍ୟ ସମ୍ପର୍କିୟ ମାନଙ୍କୁ ଧରି ଜୋର ଜବରଦସ୍ତ ପଶୁଛନ୍ତି । ଏପରିକି ଏହି ସମୟରେ ପ୍ରବେଶ ଦ୍ୱାରରେ ପ୍ରହରା ଦେଉଥିବା କର୍ମଚାରୀ ମାନେ ବାରଣ କଲେ ତାଙ୍କୁ ନାଲି ଆଖି ଦେଖାଇ ପ୍ରବେଶ କରୁଥିବାର ଅଭିଯୋଗ ହୋଇଛି । ଆଜି ରବିବାର ଥିବା ଯୋଗୁଁ କନ୍ଧମାଳ, ବୌଦ୍ଧ, ସୋନପୁର ଭଳି ବିଭିନ୍ନ ଅଂଚଳରୁ ବହୁ ପର୍ଯ୍ୟଟକ ପୁଟୁଡ଼ି ପର୍ଯ୍ୟଟନ ସ୍ଥଳକୁ ଯାଇଥିଲେ ମଧ ବାରଣ ଯୋଗୁଁ ଫେରିଥିବାର ଦେଖାଯାଇଛି । କିନ୍ତୁ ଏହି ସମୟରେ ୨ଟି ୪ ଚକିଆ ଯାନରେ ସରକାରୀ ବୋର୍ଡ଼ ଲାଗିଥିବାର ଗାଡ଼ିରେ ପହଂଚି ଉକ୍ତ ପର୍ଯ୍ୟଟନ ସ୍ଥଳକୁ ଯିବାର ଦେଖାଯାଇଥିଲା । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ପର୍ଯ୍ୟଟକ ମାନେ ଏହାକୁ ଠିକ୍ ନୁହେଁ ବୋଲି କହିଥିଲେ ମଧ ସରକାରୀ ଗାଡ଼ିରେ ଆସିଥିବା ଉକ୍ତ କର୍ମଚାରୀ ମାନେ କୌଣସି କଥା ଶୁଣିନଥିଲେ । ଫାଟକରେ ଥିବା ଜଣେ ମାତ୍ର କର୍ମଚାରୀଙ୍କ ବାଉଁଶ ଉଠାଇବାକୁ ବାଧ କରିବା ଫଳରେ ଛୋଟ କର୍ମଚାରୀ ଜଣକ ଚାକିରି ଚାଲିଯିବା ଭୟରେ ଗେଟ୍ ଉଠାଇଥିଲେ ଓ ୨ଟି ଗାଡ଼ିରେ ଆସିଥିବା ବ୍ୟକ୍ତିମାନେ ସେମାନଙ୍କ ପରିବାରକୁ ଧରି ପର୍ଯ୍ୟଟନ ସ୍ଥଳକୁ ଯାଇଥିବାର ଦେଖାଯାଇଛି ।

# ଖାସବାହାଲ ପଞ୍ଚାୟତସ୍ତରୀୟ ଗୋଷ୍ଠାଷ୍ଟମୀ ପୂଜା

ନୂଆପଡା,୨୪।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତର ନୂଆରାଜପୁର ଗ୍ରାମ ଠାରେ ପଞ୍ଚାୟତସ୍ତରୀୟ ଗୋଷ୍ଠାଷ୍ଟମୀ ପୂଜା ପାଳିତ ହୋଇଯାଇଛି । ପୂଜାରେ ଗୁନଧର ହଂସ ଓ ତାଙ୍କ ପତ୍ନୀ ଜୟମନୀ ହଂସ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ପଞ୍ଚାୟତ ତରଫରୁ ନିର୍ମାଣ ହୋଇଥିବା ଗିରି ଗୋବର୍ଦ୍ଧନ ମନ୍ଦିରକୁ ଖାସବାହାଲ ସରପଞ୍ଚ ଯମୁନା ବାଗ ଲୋକାର୍ପଣ କରିଥିଲେ । ପରେ କମିଟି ଦ୍ୱାରା ପ୍ରତିଷ୍ଠା କରାଯାଇ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଗୋମାତା ବନ୍ଧାପଣା କରାଯାଇଥିଲା । ଏହି ଗୋଷ୍ଠାଷ୍ଟମୀ ପୂଜାରେ ଯଦୁମଣୀ ବାଗ, ପରମାନନ୍ଦ ହଂସ, ଦୁର୍ଯ୍ୟୋଧନ ହଂସ, ଟଙ୍କଧର ବାଗ, ଚିନ୍ତାମଣୀ ବାଗ, ଯଦୁମନ ବନ୍ଧିଛୋର, ଦୁତିନ୍ଦ୍ର ବାଗ, ମାୟାଧର ମାଝୀ, ଉପେନ୍ଦ୍ର ବନ୍ଧିଛୋର, ଜଗତରାମ ଟାହାଣୀ ପ୍ରମୁଖ ସହଯୋଗ କରିଥିବା ବେଳେ ସନ୍ତୋଷ ନିଆଲ ଓ ସମାଜସେବୀ ପ୍ରେମଲାଲ ବାଗ ଉପଦେଷ୍ଟା ଭାବରେ ଯୋଗଦାନ କରିଥିଲେ ।

# ଓୟୁଏଟିରେ କୃଷକ ମେଳା-୨୦୨୦

## ପରିବର୍ତ୍ତିତ ଜଳବାୟୁ ଓ ଖାଦ୍ୟାଭ୍ୟାସକୁ ଦୃଷ୍ଟିରେ ରଖି କୃଷି ପଦ୍ଧତିର ବିକାଶ କରାଯିବା ଦରକାର : କୃଷି ମନ୍ତ୍ରୀ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଜୀବନଧାରଣ ପାଇଁ କୃଷି ଅପରିହାର୍ଯ୍ୟ। ସାରା ବିଶ୍ୱ କୋଭିଡ୍-୧୯ ପରି ଏକ ମହାମାରୀର ସଙ୍କଟ ଦେଇ ଗତି କରୁଥିବାବେଳେ ରାଜ୍ୟର କୃଷକମାନେ ଖାଦ୍ୟ ଉତ୍ପାଦନ କରି ଲୋକମାନଙ୍କ ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିପାରିଛନ୍ତି । ଏଥି ସହିତ କୃଷକମାନେ ରାଜ୍ୟରେ ହେଉଥିବା ବନ୍ୟା, ବାତ୍ୟା, ମରୁଡ଼ି ଓ କୀଟପୋକ ଆଦି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି କ୍ରମାଗତ ଭାବରେ ଫସଲ ଉତ୍ପାଦନ ବୃଦ୍ଧି କରିଛନ୍ତି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଓୟୁଏଟି କୃଷକ ମେଳା୨୦୨୦କୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ କୃଷକର ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ସରକାର ଯେଉଁ ଆହ୍ୱାନ ଦେଇଛନ୍ତି ତାକୁ ସାକାର କରିବା ପାଇଁ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ । ଜଳବାୟୁର ପରିବର୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ସହନଶୀଳ ଉନ୍ନତ ବିହନ, ନୂତନ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ବ୍ୟବହାର ଆଦି ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ନିରନ୍ତର ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପରିବର୍ତିତ ଜଳବାୟୁ, ଖାଦ୍ୟାଭ୍ୟାସ ତଥା ବଜାର ଚାହିଦାକୁ ଆଖିରେ ରଖି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଗଣ ରାଜ୍ୟର ବିଭିନ୍ନ କୃଷି ଜଳବାୟୁ ମଣ୍ଡଳ ନିମନ୍ତେ ଉପଯୋଗୀ କୃଷି ପଦ୍ଧତିର ବିକାଶ ଓ ପ୍ରସାର ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ କୃଷି ପଦ୍ଧତିକୁ ଚାଷୀମାନେ ଯେପରି ବର୍ଷସାରା ଦେଖିପାରିବେ ସେଥି ନିମନ୍ତେ ବିଶ୍ୱବିଦ୍ୟାଳୟ ପରିସରରେ ଏହାର ପରିଦର୍ଶନ ବ୍ୟବସ୍ଥା ଦିଗରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ମାଛଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଛି ଓ ବାୟୋଫ୍ଲକ୍ ପ୍ରଣାଳୀରେ ମାଛଚାଷ ଅତ୍ୟନ୍ତ ଲାଭଜନକ ବୋଲି ମନ୍ତ୍ରୀ କହିଥିଲେ । ରାଜ୍ୟରେ ଦୁଗ୍ଧ ଓ କୁକୁଡ଼ା ମାଂସ ଉତ୍ପାଦନ ବୃଦ୍ଧି ପାଇଥିଲେ ମଧ ଲୋକମାନଙ୍କର ଖାଦ୍ୟାଭ୍ୟାସରେ ପରିବର୍ତନ ଯୋଗୁଁ ଏହାର ଦିନକୁ ଦିନ ଚାହିଦା ବୃଦ୍ଧି ପାଇଛି। ଯୁବକଯୁବତୀମାନେ ଯେପରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପ୍ରତି ଅଧିକ ମନୋନିବେଶ କରିବେ ଓ ଏଥିରେ ପୁଂଜିନିବେଶ କରିବେ ସେଥିପ୍ରତି କୃଷି ଅଧିକାରୀମାନେ ଅଧିକ ଧ୍ୟାନ ଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ ଚାଷୀମାନଙ୍କୁ କୃଷି କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ପଂଚାୟତ ସ୍ତରରେ ଏବଂ ବ୍ଲକ୍ ସ୍ତରରେ ନିୟମିତ ବୈଠକ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ମନ୍ତ୍ରୀ ଡ. ସାହୁ କୃଷି ସଂପର୍କିତ ଦୁଇଟି ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ, ଅଗ୍ରଣୀ ଚାଷୀ, କୃଷି ବୈଜ୍ଞାନିକମାନଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ଡ. ଲଳିତ ମୋହନ ଗଡ଼ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ କୃଷି ମହାବିଦ୍ୟାଳୟର ଅଧକ୍ଷ ଡ. କେ. କେ. ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କୃଷକ ମେଳାରେ ରାଜ୍ୟର ବହୁଚାଷୀ ଓ ଅନୁଷ୍ଠାନ ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦାନ କରିଥିଲେ ।

## ବିଧାନସଭାରେ ଉଠିଲା ନଟିପିସି ଆସ ପଣ୍ଡର ପ୍ରଦୂଷିତ ବସ୍ତୁ ହୀରାକୁଦ ଜଳ ଭଣ୍ଡାରକୁ ପ୍ରବେଶ ପ୍ରସଙ୍ଗ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଛତିଶଗଡ ସୀମାରେ ଥିବା ଏନଟିପିସି ଆସ ପଣ୍ଡର ପ୍ରଦୂଷିତ ବସ୍ତୁ ହୀରାକୁଦ ଜଳ ଭଣ୍ଡାରକୁ ପ୍ରବେଶ ପ୍ରସଙ୍ଗକୁ ବିଜେଡି ବିଧାୟକ କିଶୋର ମହାନ୍ତି ବିଧାନସଭାରେ ଉଠାଇଛନ୍ତି । ସେ କହିଛନ୍ତି ଯେ ଝାରସୁଗୁଡା ଛତିଶଗଡ ସୀମାରେ ଓଡିଶାର ପାଂଚଟି ପଂଚାୟତରେ କୌଣସି ଜନ ଶୁଣାଣୀ ନ କରା ଯାଇ ଓ ଏହି ପଂଚାୟତର ବିରୋଧ ସତ୍ୱେ ଏନଟିପିସି ଆସପଣ୍ଡ ସ୍ଥାପନ କରିଛି । ଏଥିରୁ ବାହାରୁଥିବା ପ୍ରଦୂଷିତ ବସ୍ତୁକୁ ସୋମବାର ଦିନ ମହାନଦୀକୁ ଛାଡି ଦିଆ ଯାଇଛି । ଫଳରେ ଏହା ମହାନଦୀ ଦେଇ ହୀରାକୁଦ ଜଳ ଭଣ୍ଡାରରେ ପ୍ରବେଶ କରିଛି । ଏହି ପ୍ରଦୂଷିତ ଜଳ ପାଇଁ ସେଠାରେ ଚାଷ କାମ ପ୍ରଭାବିତ ହେବା ସହ ବିଶୁଦ୍ଧ ପାନୀୟ ଜଳ ଆଉ ମିଳିବ ନାହିଁ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା କାରଣରୁ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହ ସେଠାକୁ ଟିମ ପଠାଇବା ଆବଶ୍ୟକ ବୋଲି ବିଜେଡି ବିଧାୟକ କିଶୋର ମହାନ୍ତି ଦାବି କରିଛନ୍ତି ।

## ଗୁରୁଚରଣ ପଟ୍ଟନାୟକ ସ୍ମୃତି ସମାରୋହ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଓଡ଼ିଶାର ପ୍ରଥମ କମ୍ୟୁନିଷ୍ଟ, କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ଭାରତବର୍ଷର ବିଶିଷ୍ଟ ମାର୍କ୍ସବାଦୀ ତତ୍ୱବିତ୍, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ବିପ୍ଳବୀ ଗୁରୁଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗତକାଲି ସନ୍ଧ୍ୟାରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

ସିପିଆଇର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ ସିପିଆଇ(ଏମ.ଏଲ)ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଗୁରୁଚରଣ ପଟ୍ଟନାୟକ ଯେଉଁ କମ୍ୟୁନିଜିମ୍‌ର ମତାଦର୍ଶ ଓ କମ୍ୟୁନିଷ୍ଟ ଆନ୍ଦୋଳନର ଧାରା ଓଡ଼ିଶାରେ ପ୍ରବାହିତ କରିଥିଲେ ତାହା ଚିର ଅମ୍ଳାନ ଏବଂ ସାମ୍ୟବାଦ ଓ ସମାଜବାଦ ହିଁ ମାନବ ଜାତିର ଭବିଷ୍ୟତ ବୋଲି ମତ ପ୍ରକାଶ କରିଥିଲେ।

## ବରିଷ୍ଠ ବ୍ୟବସାୟୀଙ୍କ ବିୟୋଗରେ ବଣିକ ସଂଘର ସ୍ମୃତିସଭା : ବଜାର ବନ୍ଦ ଯୋଗୁଁ ଗ୍ରାହକ ହନ୍ତସନ୍ତ

ପାରାଦୀପ ,୨୪।୧୧ (ନି.ପ୍ର): ପାରାଦୀପ ପୋର୍ଟ ବଣିକ ସଂଘର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଆଦିକନ୍ଦ ବିଶ୍ୱାଳ ଙ୍କ ବିୟୋଗରେ ସଂଘ ପକ୍ଷରୁ ମଙ୍ଗଳବାର ଦିନ ଅପରାହ୍ନରେ ବଡପଡିଆସ୍ଥିତ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ଙ୍କ ଅଧକ୍ଷତାରେ ଅୟୋଜିତ ଏହି ସ୍ମୃତିସଭାରେ ବଣିକ ସଂଘର ସମ୍ପାଦକ ଦେବବ୍ରତ ସାହୁ, ପ୍ରମୋଦ ମହାପାତ୍ର, ଅନାଦି ପରିଡା, ଶରତ ସାହୁ, ଚନ୍ଦ୍ର ଶେଖର ମହାପାତ୍ର, ଲକ୍ଷ୍ମଣ ନାୟକ, ଚୈତନ୍ୟ ସାହୁ, ଶ୍ରୀଚରଣ ବିଶ୍ୱାଳ ଙ୍କ ସମେତ ବହୁ ବ୍ୟବସାୟୀ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା



କରିଥିଲେ । ବଣିକ ସଂଘର ପ୍ରଥା ଅନୁଯାୟୀ ଯଦି କୌଣସି ବ୍ୟବସାୟୀ ଙ୍କ ର ମୃତ୍ୟୁ ହୁଏ ତେବେ ସକାଳ ୯ଟା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହୁଏ ଏବଂ ଶୋକସଭା ହୁଏ । ଶୋକସଭାରେ ବ୍ୟବସାୟୀମାନେ ଯୋଗ ଦେଇଥାନ୍ତି । ଏଠାରୁ ଯାଇ ସେମାନେ ବ୍ୟବସାୟ ଆରମ୍ଭ କରନ୍ତି । କିନ୍ତୁ ଦିନ ଦୁଇଟାରୁ ବଜାର ବନ୍ଦ ଯୋଗୁଁ ଇଫକୋ, ବିଶୋଧନାଗାର, ପିପିଏଲ ଟାଉନସିପ୍ ଏବଂ ପାରାଦୀପ ସହର ରୁ ବଡପଡିଆ ମାର୍କେଟକୁ ଆସିଥିବା ଗ୍ରାହକମାନେ ବଜାର ବନ୍ଦ ନଜାଣି ହଇରାଣ ହେଉଥିବା ଦେଖିବାକୁ ମିଳିଛି । କୋରନା କଟକଣା ସମୟରେ ହଠାତ୍ ବଜାର ବନ୍ଦ ଯୋଗୁଁ ଗ୍ରାହକ ହନ୍ତସନ୍ତ ହେଉଥିବା ଏହି ଗ୍ରାହକମାନେ କହିଛନ୍ତି ।

## ଜଳେଶ୍ୱର ଗୋଷ୍ଠୀଶିକ୍ଷା ଜିଲାର ୧୦ଟି ବିଦ୍ୟାଳୟ ହରାଇବେ ସତ୍ତା

ଜଳେଶ୍ୱର,୨୪।୧୧ (ନି.ପ୍ର): ସରକାରଙ୍କ ଶିକ୍ଷା ବିଭାଗର ନିତୀ ଅନୁଯାୟୀ ୨୦ରୁ କମ୍ ଛାତ୍ରଛାତ୍ରୀକୌଣସି ବିଦ୍ୟାଳୟରେ ଥିଲେ ସେହି ବିଦ୍ୟାଳୟକୁ ବନ୍ଦ କରାଯିବା ସହିତ ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କର ନାମ ନେଲାଯିବା ସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ବାଲେଶ୍ୱର ଜିଲାରୁ ୧୫୦ଟି ଥିବା ବେଳେ ଜଳେଶ୍ୱର ବିଇଓ କାର୍ଯ୍ୟାଳୟ ଅଧିନରେ ୧୦ଟି ବିଦ୍ୟାଳୟ ରହିଥିବା ଜଣାଯାଇଛି । ନେତୁଆ ୟୁଜିୟୁପିର ୬ଷ୍ଠରୁ ୮ମ ଯାଏ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୨୦ ଥିବାରୁ ଏହାକୁ ବନ୍ଦ କରାଯିବାର ସିଦ୍ଧାନ୍ତ ହୋଇଛି । କିନ୍ତୁ ସେଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ପୂର୍ବ ପରି କାର୍ଯ୍ୟ କରିବା ବୋଲି ଜଣାଯାଇଛି । ଏହା ବ୍ୟତିତ ବାଉଁଶବଣି, ପ୍ରିୟବାଗ, ମଣିପାଟଣା, ଘୋଳାଇ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦ ରୁ ୩୦ମଧ୍ୟରେ ରହିଥିବାରୁ ଏ ଗୁଡିକ ମଧ୍ୟ ବନ୍ଦ ହେବା ସଂର୍ପକରେ ସିଦ୍ଧାନ୍ତ ହୋଇଥିବା ପ୍ରକାଶ । ଅନ୍ୟପକ୍ଷରେ ଚକରଡା, ନାଗେଶ୍ୱରପୁର, ସାହାପୁର, ଚକବିଷ୍ଣୁ, ବେଲବାରିଆ, ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା କମ୍ ଥିବାରୁ ସରକାରୀ ନିତି ଅନୁଯାୟୀ ଏହା ବନ୍ଦ କରାଯିବ । ଏଥିରେ ଥିବା ଶିକ୍ଷକ ମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦେବା ବ୍ୟବସ୍ଥା ହୋଇଥିବା ବେଳେ ଛାତ୍ରମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି । ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବପରି ଉକ୍ତ ବିଦ୍ୟାଳୟ ଗୁଡିକ ଚାଲୁ ରଖିବାକୁ ଦାବୀ ହେଉଛି ।

## ୨୦୨୦-୨୧ ବର୍ଷ ରବି ଋତୁ ପାଇଁ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ଜଗତସିଂହପୁର,୨୪।୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ମିଶ୍ର ଅଧକ୍ଷତା କରି କହିଲେ ଜଗତସିଂହପୁର ଏକ କୃଷି ପ୍ରଧାନ ଜିଲ୍ଲା । ଆଗାମୀ ରବି ଋତୁରେ ଜିଲ୍ଲାର ୯୯,୫୦୦ ହେକ୍ଟର ଜମିରେ ରବିଚାଷ କରାଯିବ । ଜିଲ୍ଲାରେ ଅଧିକ ଡାଲି ଜାତୀୟ ଫସଲ, ତୈଳବୀଜ ଓ ପନିପରିବା ଚାଷ ପାଇଁ ଉନ୍ନତ ମାନର ବିହନ,ସାର ଓ କୀଟନାଶକ ଔଷଧ ଚାଷୀମାନଙ୍କୁ ଯୋଗାଇ ଦେବାକୁ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବାସୁମତି ଭଳି ବାସନା ଧାନ ଚାଷ ନିମନ୍ତେ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ରାସାୟନିକ ସାର ବ୍ୟତୀତ ଜୈବୀକ ସାର ବ୍ୟବହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବ୍ଲକରେ ଅନ୍ୟୁନ ଗୋଟିଏ ଗୋଟିଏ ଯାଗାରେ ବାସୁମତି ଧାନଚାଷ କରାଗଲେ,ଚାଷୀମାନେ ଅଧିକ ଲାଭବାନ ହୋଇ ପାରିବେ । ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ଶ୍ରୀ ରବି ନାରାୟଣ ମହାପାତ୍ର ଖରିଫ୍ ଋତୁର ସଫଳତା ସଂପର୍କରେ ଅବଗତ କରାଇଥିଲେ । ରବି ଫସଲ ପାଇଁ ଜଳସେଚନ ଏବଂ ମାଟିର ଆଦ୍ରତାକୁ ଦୃଷ୍ଟିରେ ରଖି ୧୫୭୦ ହେକ୍ଟର ଜମିରେ ଧାନଚାଷ,ମକା ୧୧୦ ହେକ୍ଟର,ମୁଗ ପାଇଁ ୪୬,୪୪୦ ହେକ୍ଟର,ବିରି ପାଇଁ ୧୫,୨୧୦ ହେକ୍ଟର,କୋଳଥ ୧୯୦୫ ହେକ୍ଟର ଚାଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ମୋଟ ଡାଲି ଜାତୀୟ ଫସଲ ପାଇଁ ୬୪,୦୨୫ ହେକ୍ଟର,ତୈଳବୀଜ ପାଇଁ ୩୩୬୦ ହେକ୍ଟର,ପନିପରିବା ପାଇଁ ୨୬,୫୨୫ ହେକ୍ଟର,ମସଲା ଜାତୀୟ ଚାଷ ପାଇଁ ୩୧୧୦ ହେକ୍ଟର ଓ ଆଖୁ ଚାଷ ପାଇଁ ୮୦୦ ହେକ୍ଟର ଚାଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ତୈଳବୀଜ ମଧ୍ୟରେ ବାଦାମ ପାଇଁ୨୪୦୦ ହେକ୍ଟର,ସୋରିଷ ପାଇଁ ୬୮୦ ହେକ୍ଟର, ସୂର୍ଯ୍ୟମୁଖୀ ଚାଷ ପାଇଁ ୨୧୦ ହେକ୍ଟର, ପନିପରିବା ମଧ୍ୟରେ ଆଳୁପାଇଁ ୭୩୦ ହେକ୍ଟର,ପିଆଜ ପାଇଁ ୨୪୦ ହେକ୍ଟର,ମସଲା ଜାତୀୟ ଯଥା ଲଙ୍କା ପାଇଁ ୨୪୦୦ ହେକ୍ଟର,ରସୁଣ ଚାଷ ପାଇଁ ୧୮୦ ହେକ୍ଟର,ଧନିଆ ପାଇଁ ୫୩୦ ହେକ୍ଟର ଚାଷ ହେବାର ଲକ୍ଷ ଧାର୍ଯ୍ୟ ରହିଛି । ଏହାଛଡା ଚଳିତ ରବିଋତୁରେ ୪୭,୭୭୯ ହେକ୍ଟର ଜମିରେ ଜଳ ସେଚନ ସୁବିଧା କରାଯିବା ସହିତ ୩୬୬୯ ମେଟ୍ରିକ୍ ଟ୍ରନ ସାର ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯିବ । ଫସଲର ସୁରକ୍ଷା ଓ ଅଧିକ ଅମଳ ନିମନ୍ତେ ୪୬,୧୫୦ ହେକ୍ଟର ଜମିରେ କୀଟନାଶକ ପ୍ରୟୋଗ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଉଦ୍ୟାନକୃଷି ବିଭାଗ ପକ୍ଷରୁ ହାଇବ୍ରିଡ୍ ପନିପରିବା, ଅମୃତଭଣ୍ଡା, ପିଆଜ,ଆଳୁ,ଛତୁ ଚାଷ ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଅଧିକାରୀ ସୂଚନା ଦେଇଥିଲେ । ଏହା ବ୍ୟତୀତ ମାଗଣା ଭେଜିଟେବୁଲ ମିନିକିଟ୍,ନଡିଆ ଚାରା ବଣନ କରାଯିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସରୋଜକାନ୍ତ ମହାନ୍ତି ଡାଲି ଓ ତୈଳବୀଜ ଫସଲକୁ ପ୍ରାଧାନ୍ୟ ଦେବା ସହିତ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କୃଷି ଯୋଜନା ଓ ପ୍ରୋତ୍ସାହନ ସଂପର୍କରେ ଚାଷୀମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା,ଭାଗଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ବଳରାମ ଯୋଜନା, ଫାର୍ମ ମେକାନାଇଜେସନ୍, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଜଳନିଧି, ସୌର ଜଳନିଧି, ଫାର୍ମପଣ୍ଡ,ରାଷ୍ଟ୍ରିୟ କୃଷି ବିକାଶ ଯୋଜନା,ଜାତୀୟ ଖାଦ୍ୟ ସୁରକ୍ଷା ମିଶନ୍,ଆତ୍ମା ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ସମବାୟ ନିବନ୍ଧକ,ଡିଡିଏମ୍,ନାବାର୍ଡ ଶ୍ରୀ ବିଶ୍ୱଭୁଷଣ ମହାନ୍ତି,ଏଲ୍.ଡି.ଏମ୍ ଶ୍ରୀ ସତୀଶ ପାତ୍ର,ଜଳସେଚନ ଓ ଉଠାଜଳ ସେଚନ ନିର୍ବାହୀ ଯନ୍ତ୍ରୀ,କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ,ଜିଲ୍ଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ସମେତ ବିଭିନ୍ନ ବ୍ୟାଙ୍କର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଧାନସଭା ସମ୍ମୁଖରେ...

ହତ୍ୟାକାଣ୍ଡରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ହେଉଛି। ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ବିବୃତି ରଖନ୍ତୁ। ପୁଲିସ ନ୍ୟାୟ ଦେଲାନି ବୋଲି ନୟାଗଡ଼ରୁ ଆସି ପ୍ରତିବାଦ କରୁଛନ୍ତି। ଏଥିପାଇଁ ଦାୟୀ କିଏ, ପୁଲିସ କାହିଁକି ଚୁପ୍ ବସିଛି ବୋଲି ପ୍ରଶ୍ନ କରିଛନ୍ତି ତାରା ବାହିନୀପତି। ମଙ୍ଗଳବାର ଦିନ ଅଶୋକ ଏବଂ ସୌଦାମିନୀ ଜୟଦେବଭବନ ଆଡୁ ରବୀନ୍ଦ୍ରମଣ୍ଡପ ଆଡେ ଚାଲିଚାଲି ଯାଉଥିବା ବେଳେ ହଠାତ୍ ହାତରେ ଧରିଥିବା ବୋତଲରୁ ଡିଜେଲ୍ ନିଜ ଉପରେ ଢାଳିବାକୁ ଲାଗିଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସ୍ ଅଧିକାରୀ ଠିକ୍ ସମୟରେ ସେମାନଙ୍କ ଠାରୁ ଡିଜେଲ୍ ବୋତଲ ଛଡାଇବା ସହ ସେମାନଙ୍କୁ କାବୁ କରିଥିଲେ। ଅପରପକ୍ଷରେ ଉଭୟ ଦମ୍ପତି ଅଭିଯୋଗ କରିଛନ୍ତି ଯେ ଆମ ୫ ବର୍ଷର ଝିଅକୁ ଅପହରଣ କରି ନେଲେ। ଆଖି ଓ କିଡନୀ ତାଡ଼ି ନେଇ ତାକୁ ମାରିଦେଲେ। ଦେଖୁ ଦେଖୁ ୪ ମାସ ବିତି ଗଲାଣି। ପୁଲିସ୍ ନିକଟରେ ଗୁହାରି କଲେ ପୁଲିସ୍ ଶୁଣୁନି। ନ୍ୟାୟ ପାଇଁ ଯିବାରୁ ନିର୍ଯାତନାର ଶିକାର ହେଉଛୁ। ସେମାନେ ଆହୁରି କହିଛନ୍ତି ଯେ ଅଭିଯୁକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କ ପାଖଲୋକ। ସେଥିପାଇଁ ମନ୍ତ୍ରୀ ତାଙ୍କୁ ସୁରକ୍ଷା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। 'ପରୀ'ର ମା' ସୌଦାମିନୀ ସାହୁ ଗଣମାଧମ ସମ୍ମୁଖରେ କହିଛନ୍ତି ମନ୍ତ୍ରୀଙ୍କ ପାଖ ଲୋକ ବାବୁଲି ନାଏକ ହିଁ ମୋ ଝିଅକୁ ମାରିଛି। ୪ ମାସ ହେଲା ଅଭିଯୁକ୍ତଙ୍କୁ ଧରୁନି ପୁଲିସ୍। ଆମେ ନ୍ୟାୟ ମାଗିବାରୁ ଆମକୁ ଗାଁରୁ ବିଦା କରୁଛନ୍ତି। ମୋ ଝିଅକୁ ମାରି ଫିଙ୍ଗି ଦେଲେ, ଆମେ କାହିଁକି ଆଉ ବଂଚିବୁ? ବୋଲି ସେ କହିଛନ୍ତି। ସୌଦାମିନୀଙ୍କ କହିବା ଅନୁଯାୟୀ ଗତ ଜୁଲାଇ ମାସରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ପରୀକୁ ଅପହରଣ କରାଯାଇଥିଲା। ଖୋଜାଖୋଜି କରି ନପାଇବାରୁ ସେମାନେ ଥାନାରେ ଏତଲା ଦେଇଥିଲେ। କିଛି ଲାଭ ନହେବାରୁ ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟିଥିଲେ। ଦୁଇ ସପ୍ତାହ ପରେ ବସ୍ତାରେ ବନ୍ଧା ହୋଇଥିବା ହାଡ଼ ଘର ବାଡ଼ିପଟୁ ମିଳିଥିଲା।

### ଭୁବନେଶ୍ୱରରେ ଆରଏସଏସ୍ ...

ତେରାପନ୍ଥ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ତାଙ୍କ ସହିତ ସଂଘର ସରକାର୍ଯ୍ୟବାହ ଶ୍ରୀ ସୁରେଶ (ଭୟାଜୀ) ଯୋଶୀ ଉପସ୍ଥିତ ରହିବେ। ପଶ୍ଚିମବଙ୍ଗ, ଓଡିଶା, ଆଣ୍ଡାମାନ ଓ ନିକୋବର ଅଂଚଳରେ ଥିବା ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ୩୫ଜଣ ସଦସ୍ୟ ଏହି ବୈଠକରେ ଭାଗ ନେବେ ।

ସୂଚନାଯୋଗ୍ୟ ଯେ, ଆସନ୍ତା ବର୍ଷର କାର୍ଯ୍ୟଯୋଜନା ଏବଂ ବର୍ତମାନ ଚାଲୁଥିବା କାର୍ଯ୍ୟର ସମୀକ୍ଷା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ଦୀପାବଳୀ ସମୟରେ ଅନୁଷ୍ଠିତ ହୋଇଥାଏ । ପ୍ରାନ୍ତ ସଂଘଚାଳକ, ପ୍ରାନ୍ତ କାର୍ଯ୍ୟବାହ, ପ୍ରାନ୍ତ ପ୍ରଚାରକ ତଥା ଉପରିସ୍ଥ ଦାୟିତ୍ୱରେ ଥିବା କାର୍ଯ୍ୟକର୍ତାମାନଙ୍କ ଉପସ୍ଥିତିରେ ହେବାକୁ ଥିବା ଏହି ବୈଠକ ବର୍ତମାନ ପରିସ୍ଥିତି ଏବଂ ସରକାରୀ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଅଖିଳ ଭାରତୀୟ ସ୍ତରରେ ଅନୁଷ୍ଠିତ ନ ହୋଇ କ୍ଷେତ୍ରସ୍ତରରେ ଅନୁଷ୍ଠିତ ହେଉଛି । ଏପରି ପ୍ରଥମ ଥର ପାଇଁ ହେଉଛି । ସମଗ୍ର ଦେଶରେ ଥିବା ସଂଘର ୧୧ଟି କ୍ଷେତ୍ର ମଧ୍ୟରୁ ପୂର୍ବ କ୍ଷେତ୍ରର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଚଳିତବର୍ଷ ଏହି ବୈଠକ ଉତରପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ମହାମାରୀ କରୋନା ଯୋଗୁଁ ଏହି ବୈଠକକୁ ସ୍ଥଗିତ ରଖିବାକୁ ପଡିଲା । ଭୁବନେଶ୍ୱରରେ ଏହି ବୈଠକ ଦୁଇ ଦିନ ଧରି ଅନୁଷ୍ଠିତ ହେବ । କୋଭିଡ-୧୯ ମହାମାରୀ ସମୟରେ ସ୍ୱୟଂସେବକମାନଙ୍କ ଦ୍ୱାରା କରାଯାଇଥିବା ସେବାକାର୍ଯ୍ୟର ଆଲୋଚନା ଓ ସମୀକ୍ଷା ହେବ । ଏହା ସହିତ କୋଭିଡ-୧୯ରେ ପ୍ରଭାବିତ ଜନଜୀବନ, ଶିକ୍ଷା, ସ୍ୱାସ୍ଥ୍ୟ, ଆତ୍ମନିର୍ଭରଶୀଳତା, ସ୍ୱଦେଶୀ ଇତ୍ୟାଦି ବିଷୟ ଉପରେ ମଧ ଆଲୋଚନା କରାଯିବ । ପରିବର୍ତିତ ପରିସ୍ଥିତିରେ ସଂଘ କାର୍ଯ୍ୟ, କାର୍ଯ୍ୟକ୍ରମ, ପ୍ରତିଦିନ ଚାଲୁଥିବା ଶାଖାର ସ୍ୱରୂପ ଉପରେ ମଧ ଆଲୋଚନା ହେବାର ସମ୍ଭାବନା ଅଛି ।

### ବିଧାନସଭାରେ...

ଇଡ଼କୋ ଦ୍ୱାରା କରାଯାଇଥିବା ଭୂମି ଅଧିଗ୍ରହଣକୁ ନୂତନ ଆଇନ ଉଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନର ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଅନୁମୋଦିତ ଅଧିନିୟମରେ ଇଡ଼କୋ ନିର୍ଦ୍ଦେଶକ ମଣ୍ଡଳୀରେ ଅଧ୍ୟକ୍ଷ, ଓ.ଏସ.ଇ.ବି ବଦଳରେ ଅଧକ୍ଷ ଗ୍ରୀଡ଼କୋ ଏବଂ ମୁଖ୍ୟ ଯନ୍ତ୍ରୀ ଜନ ସ୍ୱାସ୍ଥ୍ୟ ବଦଳରେ ଯୋଜନା ନିର୍ଦ୍ଦେଶକ,ଳ ସହର ପରିବର୍ତନ କରିବାକୁ ପ୍ରସ୍ତାବ ରହିଛି । ସେହିପରି ଇଡ଼କୋ ନିର୍ଦ୍ଦେଶକ ମଣ୍ଡଳୀରେ ବେସରକାରୀ ନିର୍ଦ୍ଦେଶକ କାର୍ଯ୍ୟକାଳକୁ ୩ ବର୍ଷକୁ କମାଇ ୧ ବର୍ଷକୁ କମାଇ ୧ ବର୍ଷ କରାଯାଇଛି । ଏହା ଅଧିକ ଶିଳ୍ପ ସଂଘକୁ ନିର୍ଦ୍ଦେଶକ ମଣ୍ଡଳୀରେ ସାମିଲ ହେବାପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ମିଶ୍ର ଗୃହକୁ ଜଣାଇଥିଲେ ।

### ରାଜ୍ୟରେ ଆଉ ୧୪...

ଭୁବନେଶ୍ୱରର ଜଣେ ୩୪ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜଣେ ୬୨ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ନୂଆପଡା ଜଣେ ୭୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସମ୍ବଲପୁର ଜିଲ୍ଲାର ଜଣେ ୩୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୬୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୬୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୭୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୩୧ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି ।

### ଡ଼ିସେମ୍ବର ଦ୍ୱିତୀୟ...

ମ୍ୟାନେଜିଂ କମିଟି ବୈଠକରେ ଆଜି ନିଷ୍ପତି ହୋଇଛି । ଏନେଇ ରୂପରେଖ ପ୍ରସ୍ତୁତ ଚାଲିଛି । ଆମର ଅଶା ରହିଛି ଯଦି ସବୁ କିଛି ଠିକ୍ ରହିଲା । ତେବେ ପ୍ରାୟତଃ ଡ଼ିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଭକ୍ତ ମାନଙ୍କ ଦର୍ଶନ ଆରମ୍ଭ ହେବ । ସେଥିପାଇଁ ନାଗାର୍ଜୁନ ବେଶର ଦର୍ଶନ ଭକ୍ତ ମାନଙ୍କ ପାଇଁ ବନ୍ଦ ରହିବ ଯାହା ପୂର୍ବରୁ ନିଷ୍ପତି ନିଆଯାଇଛି । ଆହୁରି ମଧ ସେ କହିଥିଲେ ଯେ, ପତିତପାବନ ପାବନ ଦର୍ଶନ ଚାଲୁ ରହିଛି । ଭକ୍ତ ମାନେ ପତିତପାବନ ଦର୍ଶନ କରିପାରୁଛନ୍ତି । ନାଗାର୍ଜୁନ ବେଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ତେବେ ଭକ୍ତ ମାନେ ମନ୍ଦିର ଭିତରକୁ ଯାଇପାରିବେ ନାହିଁ । ପ୍ରଶାସନ ପକ୍ଷରୁ ସେନେଇ କଟକଣା ଜାରୀ କରାଯାଇଛି । ସମସ୍ତେ ଏହାକୁ ମାନିବାକୁ ସେ ଅନୁରୋଧ କରିଛନ୍ତି । ପୋଲିସ ପକ୍ଷରୁ ମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେବାୟତ ମାନଙ୍କ ପକ୍ଷରୁ ତିନି ସ୍ତରିୟ ଏକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଯଦି କୌଣସି ଲୋକ ସେବାୟତ ବେଶରେ କିମ୍ବା କୌଣସି ପ୍ରକାରେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ତେବେ ସେ କିମ୍ବା ତାଙ୍କ ସହିତ ଯଦି ଅନ୍ୟ କେହି ସମ୍ପୃକ୍ତ ଥାନ୍ତି ସେମାନଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ଓଡିଶାର ଶତାଧିକ...

ଲାଉଗୁଡ଼ା, ଲାଉଗୁଡ଼ା କଲୋନୀକୁ ସବୁଦିନିଆ ରାସ୍ତା ମଧ ନାହିଁ, ଫଳରେ ଗ୍ରାମବାସୀ ଚାଷ ଜମି ହିଡ଼ରେ ଯିବା ଆସିବା କରୁଛନ୍ତି। ମାତ୍ର ଏକ କିଲୋମିଟର ଦୂରରେ ଥିବା ଆନ୍ଧ୍ରପ୍ରଦେଶର କେଦାରପୁରରେ ଜମିକୁ ଯିବା ନିମନ୍ତେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ସ୍ୱାଧୀନତାର ୭୩ବର୍ଷ ପରେ ମଧ ସୀମାନ୍ତ ବର୍ତୀ ଗ୍ରାମଗୁଡିକୁ ସବୁ ଦିନିଆ ରାସ୍ତା କିମ୍ବା ସ୍ୱାସ୍ଥ୍ୟ ସେବା ସୁବିଧାରେ ମିଳି ପାରୁନି ବୋଲି ଗ୍ରାମବାସୀ ରାମଚନ୍ଦ୍ର ଶବର, ନିଳାମ୍ବର ଶବର, ମାଧବ ଶବର, ରାମ ଶବର ପ୍ରକାଶ କରିଛନ୍ତି। ଯଦି ଏହାର ସମାଧାନ ତୁରନ୍ତ ନ ହୁଏ, ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ।

## ରେଳ ବ୍ରିଜ୍ ନିର୍ମାଣ ସଂସ୍ଥାର ମନମୁଖୀ କାର୍ଯ୍ୟକୁ ନେଇ ଜନଅସନ୍ତୋଷ

ବାଲେଶ୍ୱର,୨୪।୧୧ (ନି.ପ୍ର): ଦୀର୍ଘଦିନ ଧରି ଚାଲିଥିବା ଶୋଭାରାମପୁର ରେଳ ଓଭର ବ୍ରିଜ୍‌ର ନିର୍ମାଣରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକେ ନାନା ସମସ୍ୟା ଭୋଗୁଥିବା ନେଇ ଅଭିଯୋଗ ଉଠିଛି। ଓଭର ବ୍ରିଜର ଗୋଟିଏ ପାର୍ଶ୍ୱରେ କାର୍ଯ୍ୟ ହେଉଥିଲେ ବି ନିର୍ମାଣ ସାମଗ୍ରୀ ଏଣେତେଣେ ପଡ଼ିବା ଓ ଏକକାଳୀନ ଚାରିଆଡ଼େ ଅଧପନ୍ତରିଆ କାର୍ଯ୍ୟକରି ଛାଡ଼ିଦେବା ଫଳରେ ଓଟିରୋଡ଼ରୁ ଶୋଭାରାମପୁର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ପର୍ଯ୍ୟାୟ କ୍ରମେ ଗୋଟିଏ ଗୋଟିଏ କାର୍ଯ୍ୟ ଶେଷ ନ କରିବା ଯୋଗୁଁ ଏହାର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଆବଶ୍ୟକ ଭିତ୍ତିଭୂମି ନଥିବା ନିର୍ମାଣ ସଂସ୍ଥା ଏହି କାର୍ଯ୍ୟ କରିବା ଯୋଗୁଁ ଏଭଳି ସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ନିର୍ମାଣ କାର୍ଯ୍ୟ ପାଇଁ ପ୍ରଶସ୍ତ ଜାଗା ଥିଲେ ବି ଲୋକଙ୍କ ଯାତାୟତ ପାଇଁ ଥିବା ରାସ୍ତାକୁ ଅବରୋଧ କରି ଠିକାସଂସ୍ଥା ମନମୁଖୀ ଭାବେ କରୁଥିବା କାର୍ଯ୍ୟ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆଖବରା ହେଉଛନ୍ତି। ଜନଅସନ୍ତାଷ ବୃଦ୍ଧି ପାଇବା ଆଗରୁ ବ୍ରିଜ୍ କାର୍ଯ୍ୟ ଶେଷ ହେଉ କିମ୍ବା ଲୋକଙ୍କ ଯାତାୟତ ପାଇଁ ତୁରନ୍ତ ଏହି ରାସ୍ତାକୁ ଠିକ୍ କରାଯାଉ ବୋଲି ଶ୍ରମିକ ନେତାଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ନଚେତ୍‌ବା ଆଗାମୀ ଦିନରେ ଜନ ଅସନ୍ତୋଷ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଭାର୍ଗବୀ ନଦୀ ଉପରେ ପଥରପଦା ସେତୁ ନିର୍ମାଣ ଶୀଘ୍ର ଶେଷ ହେବ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମାଙ୍କ ଅଧକ୍ଷତାରେ ବ୍ରହ୍ମଗିରି ବ୍ଲକ୍ ର କପିଳେଶ୍ୱରପୁର ପଂଚାୟତର ଭାର୍ଗବୀ ନଦୀ ଉପରେ ପଥରପଦାଠାରେ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ମାଣାଧୀନ ସେତୁ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଚନ୍ଦ୍ରମୌଳି ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ, କେନ୍ଦ୍ରୀୟ ମଣ୍ଡଳ, ଭୁବନେଶ୍ୱର, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ, ପୁରୀ ଡିଭିଜନ ଏହି ବୈଠକରେ ଉପସ୍ଥିତ ଥିଲେ ।

## ସନ୍ଧ୍ୟା ୭ରୁ ସକାଳ ୬ ମଧ୍ୟରେ ନିରାପତ୍ତା ସର୍ତ୍ତାବଳୀ ସହ ମହିଳା ମାନଙ୍କୁ କାରଖାନାରେ କାର୍ଯ୍ୟ କରିବା ଲାଗି ଅନୁମତି

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଆଗାମୀ ଦିନରେ ସନ୍ଧ୍ୟା ୭ରୁ ସକାଳ ୬ ମଧ୍ୟରେ ନିରାପତା ସର୍ତାବଳୀ ସହ ସହମତି ଭିତିରେ ମହିଳା ମାନଙ୍କୁ କାରଖାନାରେ କାର୍ଯ୍ୟ କରିବା ଲାଗି ଅନୁମତି ଦିଆଯାଇ ପାରିବ। ଯାହା ଫଳରେ କାରଖାନା ଗୁଡ଼ିକରେ ମହିଳା ମାନଙ୍କ ପାଇଁ ନିୟୋଜନ ବୃଦ୍ଧି କରାଇବ ବୋଲି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ ଆଜି ବିଧାନ ସଭାରେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ କାରଖାନା (ଓଡ଼ିଶା ସଂଶୋଧନ) ବିଲ୍ - ୨୦୨୦ ଆଗତ କରିଥିଲେ । ବିଲ ଆଲୋଚନାର ଉତରରେ ବିଲର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଏହା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, କୌଣସି ଶ୍ରମିକ ଗୋଟିଏ ବର୍ଷରେ ୧୮୦ ବା ଉର୍ଦ୍ଧ୍ୱ ଦିନ କାର୍ଯ୍ୟ କରନ୍ତି ସେ ଆଗାମୀ ବର୍ଷରେ ଦରମା ସହ ଛୁଟି ପାଇବା ନିମନ୍ତେ ଯୋଗ୍ୟ ହେବେ । ଅର୍ଜିତ ଛୁଟି ଉପଲବ୍ଧର ସୀମା ୨୪୦ ପାରିଶ୍ରମିକ ଦିବସର ୧୮୦ ପାରିଶ୍ରମିକ ଦିବସକୁ ହ୍ରାସ କରାଯାଇଛି । ତ୍ରୈମାସିକ ଓଭରଟାଇମ ଉଇଥ ୱେଜର ଅବଧି ୭୫ ଘଂଟାରୁ ୧୧୫ ଘଂଟାକୁ ବୃଦ୍ଧି କରାଯାଇଛି । ଆଇନ ଅଦାଲତରେ ଅଯଥାରେ ଛନ୍ଦି ନ ହେବା ପାଇଁ ମୌଖିକ ଛୋଟ ମୋଟ ତୃଟି (ପରିଶ୍ରାଗାର ଏବଂ ପାନୀୟ ଜଳର ବ୍ୟବସ୍ଥା ନ କରିବା, କ୍ୟାଂଟିନ ସୁବିଧା ନ ଦେବା, ବିହିତ ରେଜିଷ୍ଟର ରକ୍ଷଣ ନ କରିବା) ନିମନ୍ତେ ମୋକଦ୍ଦମା ରୁଜୁ କରାନଯାଇ ଜୋରିମାନା ବ୍ୟବସ୍ଥା ରହିଛି । ମନ୍ତ୍ରୀ ଅଧିକ ସୂଚନା ଦେଇ କହିଲେ ଯେ, ନୂତନ ସଂଶୋଧନ ଆଇନ ଲାଗୁ ହେବାର ୧୦୦୦ ଦିନ ମଧ୍ୟରେ ଯେଉଁ ନବ ସ୍ଥାପିତ କାରଖାନା ଗୁଡ଼ିକରେ ଉତ୍ପାଦନ ଆରମ୍ଭ ହେବ, ସେମାନଙ୍କୁ ୧୦୦୦ ଦିନ ଯାଏଁ କାରଖାନା ଆଇନର ଅନେକ ଗୁଡ଼ିଏ ଧାରାର ପ୍ରୟୋଗରୁ ସରକାର ରହିତ କରି ପାରିବେ ଯାହାର ତାଲିକା କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟର କାର୍ଯ୍ୟାବଳୀ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ଏହା ଦବାରା ଏକ ପ୍ରତିଯୋଗିତା ମୂଳକ ବାତାବରଣ ସୃଷ୍ଟି ହେବ ଓ ଅଧିକ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ।

# ବିଧାନସଭାରେ ୩ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ପାରିତ



ଭୁବନେଶ୍ୱର,୨୪।୧୧ (ନି.ପ୍ର): ଆଜି ବିଧାନସଭାରେ ୩ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ପାରିତ ହୋଇଛି । ପାରିତ ବିଲ୍ ଗୁଡ଼ିକ ହେଲା ଓଡ଼ିଶା ଔଦ୍ୟୋଗିକ ଭିତିଭୂମି ଉନ୍ନୟନ ନିଗମ (ସଂଶୋଧନ) ବିଲ୍ - ୨୦୨୦ କମ୍ପାନୀ (ଓଡ଼ିଶା ସଂଶୋଧନ) ବିଲ୍, ୨୦୨୦ । ରାଜ୍ୟ ଶିକ୍ଷ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉନ୍ନୟନ ନିଗମ (ସଂଶୋଧନ) ବିଲ୍ ଆଗତ କରିଥିବା ବେଳେ ଶ୍ରମ କର୍ମଚାରୀ ଓ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ଅନ୍ୟ ଦୁଇଟି ବିଲ୍ ଆଗତ କରିଥିଲେ । ଏଥି ପୂର୍ବରୁ ଗତକାଲି ୩ଟି ବିଲ୍ ଗୃହରେ ଗୃହୀତ ହୋଇଥିଲା । ଓଡ଼ିଶା ଔଦ୍ୟୋଗିକ ଭିତିଭୂମି ଉନ୍ନୟନ ବିଲ୍ ଉପରେ ହୋଇଥିବା ଆଲୋଚନାର ଉତର ଦେଇ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କହିଥିଲେ ଯେ, ଗୃହୀତ ବିଲ୍‌ରେ କୌଣସି ଶିଳ୍ପାଂଚଳ ପ୍ରତିଷଠା ହେବା ପରେ ତାର ପରିଚାଳନା ଓ ରକ୍ଷଣା ବେକ୍ଷଣ ଉଦ୍ଦେଶ୍ୟରେ ଉନ୍ନୟନ ଓ ପରିଚାଳନା ଦାୟିତ୍ୱ ସାମିଲ କରାଯାଇଛି । ଆଗରୁ ଇଡ଼କୋ ଦ୍ୱାରା ଅଧିକୃତ ଜମିକୁ ବିକ୍ରି ଓ ବଦଳ କରିବା ପ୍ରାବଧାନ ଥିଲା । ତେବେ ନୂତନ ବିଧେୟକରେ ବନ୍ଧକ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ଶିଳ୍ପୋଦ୍ୟୋଗୀ ମାନଙ୍କୁ ବ୍ୟାଙ୍କ ଋଣ ହାସଲ ପାଇଁ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ପଥ ସୁଗମ ହେବ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ମାନେ ଏଣିକି ଏହି ନୂତନ ବିଧେୟକ ଅନୁଯାୟୀ ଅନ୍ୟ ଅଧିକାରୀ ମାନଙ୍କୁ ଧକ୍ଷତା ହସ୍ତାନ୍ତର କରିପାରିବେ, ଯାହା କାର୍ଯ୍ୟଧାରାକୁ ଅଧିକ ପାରଦର୍ଶୀ ଏବଂ ସରଳ କରିପାରିବ । ମନ୍ତ୍ରୀ ଶ୍ରୀ ମିଶ୍ର ଆହୁରି କହିଲେ ଯେ, ପ୍ରଚଳିତ ଅଧିନିୟମରେ ନିଗମ ତା କାର୍ଯ୍ୟ ପରିସରକୁ ବ୍ୟାପକ କରିବାରେ ପ୍ରାବଧାନ ନଥିବା ହେତୁ ଏହାକୁ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ୍ରଜିର ଏହି ସଂଶୋଧନ ବିଧେୟକର ଆବଶ୍ୟକତା ରହିଛି । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ନିଗମ ଶିଳ୍ପାଂଚଳ ଭିତିଭୂମି ସହିତ ସାମାଜିକ ଭିତିଭୂମି ବିକାଶ ହେବ । ରାସ୍ତା ବିଦ୍ୟୁତ କରଣ, ସ୍ୱେରେଜ, ବହିଃ ସ୍ରୋତ ଉପଚାର ଭଳି କାର୍ଯ୍ୟକ୍ରମ ଗୁଡ଼ିକୁ ସମ୍ପାଦନ କରିବାରେ ଆଇନତଃ ଅଧିକୃତ ହୋଇପାରିବ । ସାମାଜିକ ଭିତି ଭୂମିରେ ଶିକ୍ଷାନୁଷ୍ଠାନ, ବିଶ୍ୱ ବିଦ୍ୟାଳୟ, ଭୋଜନାଳୟ, ମଲ୍ଟିପ୍ଲେକ୍ସ, ପର୍ଯ୍ୟଟନସ୍ଥଳ, କ୍ରୀଡ଼ା କେନ୍ଦ୍ର ପର୍ଯ୍ୟଟନ ପ୍ରକଳ୍ପ ସାମିଲ ହେବ ।

▶▶ପୃଷ୍ଠା ୭

## ଡ଼ିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଖୋଲିବ ଶ୍ରୀମନ୍ଦିର : ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୨୪।୧୧ (ନି.ପ୍ର): ଡ଼ିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଖୋଲିବ ଶ୍ରୀମନ୍ଦିର । ଶ୍ରଦ୍ଧାଳୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଏସଓପି ପ୍ରସ୍ତୁତ କରାଯିବ । ସେହି ଏସଓପି ଆଧାରରେ ମନ୍ଦିର ଖୋଲିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. କ୍ରିଶନ କୁମାର କହିଛନ୍ତି । ତେଣୁ ଏବେ ନାଗାର୍ଜୁନ ବେଶର ସାଧାରଣ ଦର୍ଶନ ହୋଇପାରିବ ନାହିଁ । ଫଳରେ ଦୁଇ ଦିନ ପରେ ଅନୁଷ୍ଠିତ ହେବାକୁ ଥିବା ନାଗାର୍ଜୁନ ବେଶ ଦର୍ଶନରୁ ବଂଚିତ ରହିବେ ଶ୍ରଦ୍ଧାଳୁ । ତେବେ ସେହିଦିନ ପତିତପାବନ ଦର୍ଶନ ହୋଇପାରିବ କି ନାହିଁ ୨୪ ଘଂଟା ପୂର୍ବରୁ ଜିଲ୍ଲା ପ୍ରଶାସନ ନିଷ୍ପତି ନେବ ବୋଲି ସେ କହିଛନ୍ତି । ଆଜି ପରିଚାଳନା କମିଟି ବୈଠକରେ ଯୋଗଦେଇ ଫେରିବା ପରେ ସେ ଏହା କହିଛନ୍ତି ଆହୁରି ମଧ ସେ କହିଛନ୍ତି ଯେ, ନାଗାର୍ଜୁନ ବେଶକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଶ୍ରୀମନ୍ଦିରରେ ତ୍ରିସ୍ତରିୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେବାୟତ ବେଶରେ ଯେପରି କେହି ମନ୍ଦିର ଭିତରକୁ ପଶିନଯିବେ ତାହା ଉପରେ ନଜର ରଖାଯିବ । ଯଦି କୌଣସି ବ୍ୟକ୍ତି ବିଶେଷ ଏପରି ଦୁଃସାହଶ କରନ୍ତି , ତେବେ ତାଙ୍କ ବିରୋଧରେ ମଧ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ସେହିପରି ନାଗାର୍ଜୁନ ବେଶ ସମୟରେ ମୋବାଇଲ୍ ସମ୍ପୂର୍ଣ୍ଣ ମନା । ଏଣୁ ମୋବାଇଲ ଚେକିଂ ପାଇଁ ଏକ ସ୍ୱତନ୍ତ୍ର ଯାଂଚ୍ ବ୍ୟବସ୍ଥା କରାଯାଉଛି । ନାଗାର୍ଜୁନ ବେଶ ଦିନ ରାତି ଦୁଇଟାରେ ଦ୍ୱାରଫିଟା ଯାଇ ବେଶ ଉପକରଣ ମନ୍ଦିର ଭିତରକୁ ପ୍ରବେଶ କରିବ ବୋଲି ସେ କହିଛନ୍ତି । ବୈଠକ ଶେଷ ପରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖି ଡଃ. କ୍ରିଷନ କୁମାର କହିଛନ୍ତି ଯେ, ଭକ୍ତ ମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିବା ପାଇଁ

▶▶ପୃଷ୍ଠା ୭

# ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା ଶୋଭାଯାତ୍ରା




ଭଦ୍ରକ,୨୪।୧୧ (ନି.ପ୍ର): ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ ଅବସରରେ ଆଜି ଭଦ୍ରକ ପୌରପାଳିକାର ୧୧,୧୨,୧୩ ନଂ ୱାର୍ଡରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଭଦ୍ରକ ପୌରପାଳିକାର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ସାନିଟାଇଜେନ ଏକ୍ସପାର୍ଟ ବିଷ୍ଣୁ ବେହେରା ଓ ପ୍ରିୟରଂଜନ ଜେନା, ୱାର୍ଡ ସୁପରଭାଇଜର ସ୍ୱାଗତିକା ପରିଡାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସୁପରଭାଇଜର, ଜମାଦାର ଆଦି ୧୩ ନଂ ୱାର୍ଡ ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଶୋଭାଯାତ୍ରା ୧୨ ନଂ ୱାର୍ଡ ବଙ୍କସାହି, ଥାନା ଛକ ହୋଇ ୧୧ ନଂ ୱାର୍ଡ ନରିପୁର ଅସ୍ତଳ ହୋଇ ଟାଉନହଲ ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାରେ ଜନସାଧାରଣଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତୀୟ ଉଭୟ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫିଙ୍ଗି ପୌରପାଳିକା ପକ୍ଷରୁ ନିଜ ନିଜ ୱାର୍ଡକୁ ଯାଉଥିବା ବର୍ଜ୍ୟବସ୍ତୁ ନେବା ଗାଡିରେ ପକାଇବାକୁ ଅନୁରୋଧ କରାଯାଇଥିଲା । ନିଜ ପାଖ ପରିବେଶକୁ ସ୍ୱଚ୍ଛ ରଖିବାକୁ ଅନୁରୋଧ କରାଯାଇଥିଲା । ୱାର୍ଡ ସୁପରଭାଇଜର, ସ୍ୱଚ୍ଛସାଥୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନତାମୂଳକ ବାର୍ତ୍ତାର ପ୍ରଚାର କରିଥିଲେ । ଏ ନେଇ ପୌରପାଳିକା ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୌର ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନାୟକ ଅଧକ୍ଷତା କରିବା ସହିତ ନିଜ ନିଜ ୱାର୍ଡକୁ ସ୍ୱଚ୍ଛ ତଥା ପରିଷ୍କାର ରଖିବା କ୍ଷେତ୍ରରେ ସୁପରଭାଇଜର, ସ୍ୱଚ୍ଛସାଥୀ, ଜମାଦାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜନସାଧାରଣ ସ୍ୱଚ୍ଛତା ଆପ୍ ନିଜ ନିଜ ମୋବାଇଲରେ ଡାଉନଲୋଡ କରି ଏହାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହାକୁ ୩ଟି ୱାର୍ଡର ଜମାଦାର ସେକ୍ ଉହାବୁଲ୍ଲା, ରବିନାରାୟଣ ବାରିକ୍, ଆଶିଷ ବାନାର୍ଜୀ ପରିଚାଳନା କରିଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୭,୯୭୫ ନୂଆ ମାମଲା, ୪୮୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୪।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୩୭,୯୭୫ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୪୮୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୧,୩୯,୮୬୬ରେ ପହଂଚିଛି ।ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୩୮,୬୬୭ ଥିବା ବେଳେ ବର୍ତମାନ ସୁଦ୍ଧା ୧,୩୪,୨୧୮ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଏନ ଟି ପିସିର ସିଏସ୍ ଆର ଫଣ୍ଡ ଦ୍ୱାରା ସାନିଟାରି ନାପକିନ୍ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟିତ



ଖଇରା,୨୪।୧୧ (ନି.ପ୍ର): ନୀଳଗିରି ବ୍ଲକ ବେଗୁନିଆ ପଂଚାୟତ ଠାରେ ଥିବା ଜନସେବା କେନ୍ଦ୍ରରେ ସାନିଟାରି ନାପକିନ୍ ପ୍ରସ୍ତୁତିକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସି ଏସ ସି ଇଗର୍ଭର୍ନାନ୍ସ୍ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ପରିଚାଳକ ଅରୁପ୍ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ଉଦ୍‌ଘାଟିତ ହୋଇଜାଇଛି । ବେଗୁନିଆ ସି ଏସ ସି ର ପରିଚାଳକପଙ୍କଜ କୁମାର ନାୟକ ଉପସ୍ଥିତ ରହି ଏହା ଏନ ଟି ପିସିର ସିଏସ୍ ଆର ଫଣ୍ଡ ଦ୍ୱାରା ପରିଚାଳିତ ହେବ ବୋଲି ପ୍ରକାଶ କରିଥିଲେ । ଏହି ଅଂଚଳରେ ସୁଲଭ ମୂଲ୍ୟରେ ଭଲ ନାପକିନ୍ ଯୋଗେଇ ଦେବା ସହିତ ଏସଏଚଜିର ମହିଳା ମାନେ ମଧ୍ୟ ନିଯୁକ୍ତି ପାଇଥିବାର ଅତିଥି ମାନେ ପ୍ରକାଶ କରିଥିଲେ । ସେହି ଅଂଚଳର ମହିଳା ମାନେ ଉପସ୍ଥିତ ରହି ଏହାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ ।

## ସ୍ଥିତିବାନ ଜମିକୁ ଜଗନ୍ନାଥଙ୍କ ନାମରେ କରାଯାଇଥିବା ପ୍ରସଙ୍ଗ ୩୧ ଡିସେମ୍ବରରେ ଲୋକେ ଆତ୍ମାହୂତି ଦେବେ : ସୁର ରାଉତରାୟ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ଜଟଣୀ ଅଂଚଳର ୨୩ଟି ଗ୍ରାମର ସ୍ଥିତିବାନ ଜମିକୁ ୨୦୧୨ରେ ଜଗନ୍ନାଥଙ୍କ ନାମରେ କରା ଯାଇଥିବା ପ୍ରସଙ୍ଗର ସମାଧାନ ନ ହେଲେ ୩୧ ଡିସେମ୍ବରରେ ଲୋକେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ । ଶ୍ରୀ ରାଉତରାୟ ବିଧାନସଭାରେ ଆଜି ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ୨୦୧୨ ମସିହାରେ ଜଣେ ସେଟଲମେଂଟ ଅଧିକାରୀ ୨୩ଟି ଗାଁର ସ୍ଥିତିବାନ ଜମିକୁ ଜଗନ୍ନାଥଙ୍କ ନାଁରେ କରି ଦେଇଛନ୍ତି । ଏ ସମ୍ପର୍କରେ ଅନେକ ଥର ଦାବି କରା ଗଲେ ସୁଦ୍ଧା ଏହାର ସମାଧାନ ହେଉ ନାହିଁ । ଏହା ଫଳରେ ଗାଁ ମାନଙ୍କରେ ରାସ୍ତା ଘାଟ, ସ୍କୁଲ କଲେଜ ଠାରୁ ଆରମ୍ଭ କରି ଗରୀବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ମିଳି ପାରୁ ନାହିଁ । ଲୋକ ମାନେ ଝିଅ ବାହାଘର ପାଇଁ ଜମି ବିକ୍ରି କରି ପାରୁ ନାହାନ୍ତି । ତେଣୁ ଏହାର ସମାଧାନ ଆଗାମୀ ଡିସେମ୍ବର ୩୦ ସୁଦ୍ଧା ନ ହେଲେ ଆଗାମୀ ୩୧ ଡିସେମ୍ବରରେ ନବୀନ ନିବାସ ସାମନାରେ ଲୋକ ମାନେ ଆତ୍ମାହୁତି ଦେବେ ବୋଲି ସେ ଧମକ ଦେଇଛନ୍ତି ।

# ଓଡିଶାର ଶତାଧିକ ଏକର ଜମି ଆନ୍ଧ୍ରବାସୀଙ୍କ କବଜାରେ

### ସ୍ୱାଧୀନତାର ୭୩ ବର୍ଷ ପରେ ମଧ ସୀମାନ୍ତ ଅଞ୍ଚଳକୁ ରାସ୍ତା ନାହିଁ: ଉପଜିଲ୍ଲପାଳଙ୍କ ତଦନ୍ତ ଅପେକ୍ଷାରେ ଗ୍ରାମବାସୀ

ଗୁଣୁପୁର ,୨୪।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରାମନାଗୁଡା ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଶତାଧିକ ଏକର ଜମି ଆନ୍ଧ୍ରବାସୀଙ୍କ କବଜାରେ, ଦୀର୍ଘ ବର୍ଷରୁ ଚାଲି ଆସିଛି ଆନ୍ଧ୍ରର ଏହି ଦାଦାଗିରି । ରାୟଗଡା ଜିଲ୍ଲା ରାମନାଗୁଡା ତହସିଲ ଗୋଗୁପାଡୁ ରାଜସ୍ୱ ସର୍କଲର ସୁଲୁଡି ଏବଂ କପିରିଗୁଡା ମୌଜାର ଶତାଧିକ ଏକର ଜମି ଆନ୍ଧ୍ରର ବିଭିନ୍ନ ବ୍ୟକ୍ତି ଜବରଦଖଲରେ ରଖିଛନ୍ତି । ଏହି ସବୁ ସରକାରୀ ଜମି ସେମାନେ ଦୀର୍ଘ ବର୍ଷରୁ ନିଜ ଅକ୍ତିଆରରେ ରଖି ନିଜେ ନିଜର ଚାଷବାସ କାମ କରୁଛନ୍ତି । ଲୋକଙ୍କ କହିବା ଅନୁଯାୟୀ ପ୍ରାୟ ୧୨୭ଏକର ଜମିରୁ ମାତ୍ର ୧୫ ଏକର ଜମି ଓଡ଼ିଶାବାସୀ ଚାଷ କରୁଥିବା ବେଳେ, ଆନ୍ଧ୍ରପ୍ରଦେଶର ବ୍ୟକ୍ତିମାନେ ୧୧୨ଏକର ଜମିରେ ଚାଷ କରୁଛନ୍ତି । ଓଡ଼ିଶା ସରକାରଙ୍କ ଜମିରେ ତୁମେ କିପରି ଚାଷ କରୁଛ ବୋଲି ପଚାରିଲେ ବିଭିନ୍ନ ପ୍ରକାର ଧମକ ଚମକ ଦେଉଛନ୍ତି ଏବଂ କହୁଛନ୍ତି ଆମ ସରକାର ଆମକୁ ଦେଇଛି ତୁମେ କିଛି କରିପାରିବ ନାହିଁ । ଓଡ଼ିଶାର ସୀମାନ୍ତବର୍ତ୍ତି ଗ୍ରାମ ସୁଲୁଡି, ଲାଉଗୁଡ଼ା, ଲାଉଗୁଡ଼ା କଲୋନୀ, କପିରିଗୁଡା ଏବଂ ବଡ଼ଗୁଡା ଗ୍ରାମବାସୀ ପ୍ରକାଶ କରିଥିଲେ ଯେ, ସେମାନେ ଏହି ବିଷୟରେ ଲିଖିତ ଆକାରରେ ୩ମାସ ତଳେ ଗୁଣପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ଏବଂ ଉପଜିଲ୍ଲାପାଳ ମଧ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ଖୁବ ଶୀଘ୍ର ସେହି ଗ୍ରାମ ଗୁଡିକୁ ଯାଇ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବି । ଗୁଣପୁର ଉପଖଣ୍ଡରେ ଉପଜିଲ୍ଲାପାଳଙ୍କ ନିଯୁକ୍ତି ପରେ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିଥିବା ବେଳେ ଆମ ସମସ୍ୟାକୁ ଗୁରୁତ୍ୱ ନଦେବା ପରିତାପର ବିଷୟ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି । ଏହି ବିଷୟରେ ରାମନାଗୁଡା ତହସିଲଦାର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯଦି ଲିଖିତ ଆକାରରେ ଗ୍ରାମବାସୀ ଅଭିଯୋଗ କଲେ ନିଶ୍ଚୟ ଏହି ବିଷୟରେ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରିବେ ।

▶▶ପୃଷ୍ଠା ୭

## ଆଧାକାର୍ଡରେ ତୃଟି ଥିଲେ ମିଳିବନି ରେସନ୍ : ବିଡିଓଙ୍କ ଚେତାବନୀ

ଜଳେଶ୍ୱର, ୨୪/୧୧ (ନିପ୍ର) : ଆଧାରକାର୍ଡରେ କୌଣସି ତୃଟିଥିଲେ ଉକ୍ତ ପରିବାର ରେସନ୍ ପାଇବାରୁ ବଂଚିତ ହୋଇ ପାରନ୍ତି ବୋଲି ଜଳେଶ୍ୱର ବିଡିଓ ଦୀପ୍ତିରଂଜନ ସେଠୀ ଏକ ବିଜ୍ଞାପନ ଜରିଆରେ ପ୍ରକାଶ କରିଛନ୍ତି । ଆଧାର କାର୍ଡ ନଥିବା ବା ତ୍ରୁଟିଥିବା ପରିବାର ଏଥିରୁ ବଂଚିତ ହେବାର ସ୍ପଷ୍ଟ ହୋଇଛି । ଅନ୍ୟ ପକ୍ଷରେ ଦୀର୍ଘମାସ ଧରି ଜନସେବା କେନ୍ଦ୍ର ଗୁଡିକ ବନ୍ଦ ରହୁଥିବାରୁ ତ୍ରୁଟି ସଂଶୋଧନ ଓ ନୂତନ ଆଧାର କାର୍ଡ ହୋଇ ପାରୁନାହିଁ । ଏକ ତଥ୍ୟରୁ ପ୍ରକାଶ ଜଳେଶ୍ୱରରେ ପ୍ରାୟ ୮୩୨୬ରୁ ଅଧିକ ପରିବାରର ରେସନ୍ ପାଇବାଲାଗି ଆଧାରରେ ତ୍ରୁଟିଥିବା କୁହାଯାଇଛି । ଏପରି ଅବସ୍ଥା ସୃଷ୍ଟି ହେଲେ ପରବର୍ତ୍ତୀ ସମୟରେ ସେମାନେ ରେସନ୍ ପାଇବାରୁ ବଂଚିତ ହେବେ ଓ ଅସନ୍ତୋଷ ଦେଖାଦେବ । ତେଣୁ ସ୍ୱତନ୍ତ୍ରଭାବେ ୨୫ତାରିଖ ସୁଦ୍ଧା ତ୍ରୁଟି ସୁଧାରିବା ଓ ଆଧାର ସଂଯୋଗ କରିବାକୁ ପରାମର୍ଶ ଦିଆଯାଇଛି । କିନ୍ତୁ ପରିସ୍ଥିତିକୁ ଲକ୍ଷ୍ୟ କରି ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି ।

# ରାଜ୍ୟରେ ମଠ ମନ୍ଦିର ଖୋଲିବାକୁ ଦାବି କଲେ ବିରୋଧୀ ଦଳ

ଭୁବନେଶ୍ୱର,୨୪।୧୧ (ନି.ପ୍ର): ରାଜ୍ୟରେ ମଠ ମନ୍ଦିର ଓ ଧର୍ମାନୁଷ୍ଠାନ ଗୁଡିକୁ ଖୋଲିବାକୁ ବିରୋଧୀ ଦଳର ବିଧାୟକ ମାନେ ଦାବି କରିଛନ୍ତି । ମନ୍ଦିର ବନ୍ଦ ଥିବା କାରଣରୁ ପୂଜା କରୁଥିବା ପୂଜାରୀ ମାନେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନ ଯାପନ କରୁଥିବାରୁ ଏହାକୁ ତୁରନ୍ତ ଖୋଲିବାକୁ ସେମାନେ ଦାବି କରିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ରାଜ୍ୟରେ ମଦ ଦୋକାନ, ବାର ଆଦି ଖୋଲା ସରିଲାଣି । ଏହି ସ୍ଥାନ ଗୁଡିକରେ ପ୍ରବଳ ଭୀଡ ଦେଖିବାକୁ ମିଳୁଛି । ହେଲେ ଦୁର୍ଭାଗ୍ୟର ବିଷୟ ଯେ ପୁରୀ ମନ୍ଦିର ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ମଠ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲା ଯାଇ ନାହିଁ । ଦେଖିବାକୁ ଗଲେ ମନ୍ଦିର ଗୁଡିକ ମଦ ଦୋକାନ ଠାରୁ ନ୍ୟୁନ ହୋଇ ଯାଇଛନ୍ତି । ପୁରୀ ପଣ୍ଡା ମାନଙ୍କୁ ସରକାର କିଛି ପାରିଶ୍ରମିକ ଦେଉଛନ୍ତି । ହେଲେ ଗାଁ ଗହଳୀର ମନ୍ଦିର ମାନଙ୍କରେ ପୂଜାରୀ ମାନେ ମନ୍ଦିରର ଦକ୍ଷିଣା ଅର୍ଥରୁ ଚଳୁଥିଲେ । ମାତ୍ର ସେମାନଙ୍କର ଅବସ୍ଥା ଦୟନୀୟ ହୋଇ ଗଲାଣି । ସେମାନେ ଭୋକ ଓପାସରେ ରହୁଛନ୍ତି । ଏଭଳି ପରିସ୍ଥିତିରେ ସମସ୍ତ ଧର୍ମାନୁଷ୍ଠାନ ଖୋଲିବାକୁ ସେ ଦାବି କରିଥିଲେ । ବିଜେପି ବିଧାୟକ ମୋହନ ଚରଣ ମାଝୀ ମଧ୍ୟ ଏହି ସମାନ ପ୍ରସଙ୍ଗ ଉଠାଇ ଧର୍ମାନୁଷ୍ଠାନ ଖୋଲିବାକୁ ଦାବି କରିଥିଲେ । ସେ କହିଥିଲେ ମହାରାଷ୍ଟ୍ରରେ ସବୁଠାରୁ ଅଧିକ କୋରୋନା ମାମଲା ସାମନାକୁ ଆସୁଥିବା ବେଳେ ସେଠାରେ ମଧ୍ୟ ସରକାର ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦେଇ ସାରିଛନ୍ତି । ତେଣୁ ରାଜ୍ୟ ସରକାର ଆବଶ୍ୟକୀୟ କଟକଣା ଲଗାଇ ଧର୍ମାନୁଷ୍ଠାନ ଗୁଡିକୁ ଖୋଲିବାକୁ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

# ଭାରତୀୟ ଡାକ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ,୨୪।୧୧ (ନି.ପ୍ର): ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଭାରତୀୟ ଡାକ କର୍ମଚାରୀ ସଂଘ ଭଦ୍ରକ ଶାଖାର ମିଳିତ କାର୍ଯ୍ୟକାରିଣୀ ବୈଠକ ଭଦ୍ରକ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ରାଜ୍ୟ ସଭାପତି ରବିନ୍ଦ୍ର ନାଥ ମହାକୁଡ, ସମ୍ପାଦକ ରାଜକିଶୋର ମହାପାତ୍ର, ଗ୍ରାମୀଣ ଡାକ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ସତ୍ୟବ୍ରତ ଯେନା ଯୋଗ ଦେଇଥିଲେ । କେନ୍ଦ୍ରୀୟ ସଂଗଠନ ସମ୍ପାଦକ ତଥା ଭଦ୍ରକ ଜିଲ୍ଲା ତୃତୀୟ ଶ୍ରେଣୀ ସଂଘ ସମ୍ପାଦକ ଶୋଭନ କୁମାର ମହାନ୍ତି, କୋଷାଧକ୍ଷ ପ୍ରିୟବ୍ରତ ଦ୍ୱିବେଦୀ, ପୋଷ୍ଟମ୍ୟାନ ସଂଘ ସମ୍ପାଦକ ଦୀନବନ୍ଧୁ ପତି ଏବଂ ଗ୍ରାମୀଣ ଡାକ ସଂଘ ସମ୍ପାଦକ ଶଶିକାନ୍ତ ନାୟକ, ସହସମ୍ପାଦକ ଅଜିତ କୁମାର ସାହୁ ବୈଠକରେ ଯୋଗ ଦେଇ ଡାକ କର୍ମଚାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀ ତାଙ୍କ ବକ୍ତବ୍ୟରେ ଆଗାମୀ ୨୬ ତାରିଖ ହେବାକୁ ଥିବା ଧର୍ମଘଟରେ ସଂଘ ସାମିଲ ନହେବା ସମ୍ପର୍କରେ ସୂଚନା ଦେଇଥିଲେ । ଦେଶର ଏହି ଘଡିସନ୍ଧି ମୁହୂର୍ତ୍ତରେ ଧର୍ମଘଟ ନକରି କର୍ମଚାରୀମାନଙ୍କ ଦାବୀ ସମୂହକୁ ଉଚିତ ମାର୍ଗରେ କେନ୍ଦ୍ରୀୟ କର୍ମଚାରୀ ସଂଘ ମାଧମରେ ଉପସ୍ଥାପନ କଲେ ଅଧିକ ଫଳପ୍ରଦ ହେବ ବୋଲି ମତ ପ୍ରକଟ କରିଥିଲେ ।ଏହି ବୈଠକରେ ଦୋବଶିଷ ଦାସଙ୍କୁ ସର୍ବସମ୍ମତି କ୍ରମେ ଗ୍ରାମୀଣ ଡାକ କର୍ମଚାରୀ ସଂଘର ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଓଡ଼ିଶାର ସର୍ବ ପ୍ରଥମ ସଂଗଠନ ଭାବେ ଭଦ୍ରକରେ ଭାରତୀୟ ପୋଷ୍ଟାଲ ପେନ୍‌ସନ ସଂଘ ଗଠିତ ହୋଇଥିଲା । ସନାତନ ପରିଡା, ରବିନ୍ଦ୍ର ନାଥ ମହାକୁଡ ଓ ଅବଦୁସ୍ ସଲାମ ଖାଁ ଯଥାକ୍ରମେ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଏହି ବୈଠକରେ ଗ୍ରାମୀଣ ଡାକ କର୍ମଚାରୀମାନଙ୍କୁ ବିଭାଗୀୟ କରିବା, ୮ ଘଣ୍ଟାର କାମ ଦେବା ଓ ଶୀଘ୍ର ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବା ବିଷୟରେ ଆଲୋଚନା ହୋଇଥିଲା । ଶେଷରେ ସମ୍ପାଦକ ଶୋଭନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo